# ୩୬ ଜଣଙ୍କ ଅଭିଯୋଗ ଶୁଣିଲା ପ୍ରଶାସନ



**କୃଷ୍ଣପ୍ରସାଦ,୨୦।୧୨(ସମିସ):** ସୁଶାସନ ସପ୍ତାହ-୨୦୨୪ ପାଳନ ଅବସରରେ ପ୍ରଶାସନିକ ଅଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ଛାଡି ଗାଁମୁହାଁ ହୋଇଛନ୍ତି। ତୃଣମୂଳସ୍ତରରେ ଶାସନ ବ୍ୟବସ୍ଥାକୁ ପହଞ୍ଚାଇବା ପାଇଁ ଶୁକ୍ରବାର ବଜ୍ରକୋଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷ୍ଣପ୍ରସାଦ ବିଡିଓ ଅମିୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭତ୍ତା, ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ୩୬ଟି ଅଭିଯୋଗ ଗ୍ରହଣ କରାଯିବା ସହ ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ବିଡିଓ ଶ୍ରୀ ପଣ୍ଡା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସେଠୀ, ଯୋଗାଣ ନିରୀକ୍ଷକ ସଞ୍ଜି ଦର୍ଶନ ଦାସ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରିଣୀ ସାଧନା ସାହୁ, ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ହାଁସଦା, ଗ୍ରାମରୋଜଗାର ସେବକ ତୁଷାରକାନ୍ତ ସାହୁ, ସାମାଜିକ କର୍ମୀ ଅଶୋକ କୁମାର ସାମନ୍ତରାୟ, ବରିଷ୍ଠ କିରାଣୀ ଜିତେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବର୍ଷେ ହେଲା ନିର୍ମାଣ ସରୁନି ଆମପଡ଼ା ଅଙ୍ଗନବାଡ଼ି କେନ୍ଦ୍ର

**ନୟାହାଟ,୨୦।୧୨(ସମିସ):** ଇସାଣପୁର ପଞ୍ଚାୟତ ଆମପଡ଼ା ଗ୍ରାମରେ ଗତ ୨୦୨୩/୨୪ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଅଙ୍ଗନବାଡ଼ି କେନ୍ଦ୍ର ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ଶିଶୁମାନେ ଏକ ଭଙ୍ଗା ଆଜବେଷ୍ଟସ ଘରେ ବିପଦଶଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି। ନୂତନ ଭାବେ ନିର୍ମିତ ଅଧା ତୋଳା ଅଙ୍ଗନବାଡ଼ି ଘର ଏକ ଭୂତ କୋଠି ପାଲଟିଛି। କାର୍ଯ୍ୟ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଗ୍ରାମବାସୀ ବିଡ଼ିଓଙ୍କ ପାଖରେ ଅଭିଯୋଗ କଲେ ମଧ୍ୟ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ ହେଉ ନ ଥିବା ଗ୍ରାମର ବିଷ୍ଣୁ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଗୋପ ବିଡ଼ିଓ ଛବିରାଣୀ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ ସହକାରୀ ଯନ୍ତ୍ରୀଙ୍କ ଠାରୁ ବୁଝିଲେ ଜଣାଇବି।

## କାଳ ସାଜିଲା ଅଦିନିଆ ବର୍ଷା

# କ୍ଷେତରେ ଭିଜୁଛି ଧାନ ଫସଲ

**ସାକ୍ଷୀଗୋପାଳ,୨୦।୧୨(ସମିସ):**

ପୁରୀ ଜିଲ୍ଲାରେ ଶୁକ୍ରବାର ବର୍ଷା ଲାଗି ରହିଥିବା ବେଳେ ସାକ୍ଷୀଗୋପାଳରେ ମଧ୍ୟ ଝିପିଝିପି ବର୍ଷା ଜାରି ରହିଛି। ଫଳରେ ଫସଲ ଅମଳକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଜମିରେ ପାଚିଲା ଧାନ ଥିବା ବେଳେ ଅଦିନିଆ ବର୍ଷା ପ୍ରଭାବରେ ଏହା ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅମଳ ସମୟରେ ଚାଷୀଙ୍କ ପାଇଁ କାଳ ସାଜିଛି ଅଦିନିଆ ବର୍ଷା। ବିଲରୁ ଧାନ କିପରି ଖଳାକୁ ଆସିବ ସେନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଧାନ ଅମଳ ପାଇଁ ଚାଷୀମାନେ ସଜବାଜ ହେଉଥିବା ବେଳେ ବର୍ଷା ଏଥିରେ ବାଧକ ସାଜିଛି। ଠିକ ଧାନ କାଟିବା ସମୟରେ ଲଘୁଚାପଜନିତ ବର୍ଷା ଏବେ ଚାଷୀମାନଙ୍କ ମୁହଁରୁ ହସପୋଛି ନେଇଛି। ସୂଚନା ଅନୁଯାୟୀ, ଅଧିକାଂଶ ଗହୀର ମାନଙ୍କରେ ଚାଷୀମାନେ ପାଚିଲା ଧାନ କାଟି ବିଲରେ ପକାଇଛନ୍ତି। ଖରା ଟିକେ ଖାଇଥିଲେ ଧାନ ଖଳାକୁ ଆଣିଥାନ୍ତେ। ଏବେ ଅଦିନିଆ ବର୍ଷା ଲାଗି ରହିବା ଯୋଗୁ ବିଲରେ ପଡ଼ିଥିବା ଧାନ ସବୁ ଓଦା ହେବା ସହ ଗଜା ହୋଇଯିବ ବୋଲି ଚାଷୀ ପୂର୍ଣ୍ଣଚନ୍ଦ୍ର ବେହେରା, ମକରା ଭୋଇ, ନବ ଦଲେଇ, ମଦନ ସାହୁ ପ୍ରମୁଖ କହିଛନ୍ତି। ସୁନାର ଫସଲ ଉଜୁଡୁଥିବା ଦେଖି ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। ସେପଟେ ଋଣ କରି ଚାଷ କାର୍ଯ୍ୟ କରିଥିବା ଚାଷୀମାନେ



### କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀ ସଂଗଠନର ଦାବି

ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧାନ ଗଜା ହେବା ଆଶଙ୍କା ଥିବାରୁ ସରକାର ଘୋଷଣା କରିଥିବା ଏଫ୍ଏକ୍ୟୁ ମାନର ଧାନ ଚାଷୀମାନେ ଦେବା ଆଶା ମଉଳି ଯାଇଛି। ଅନ୍ୟପକ୍ଷରେ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ସହ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ଏଫଏକ୍ୟୁ ମାନର ନିୟମ କିଛି କୋହଳ କରିବା ପାଇଁ ସତ୍ୟବାଦୀର ବିଭିନ୍ନ ଚାଷୀ ସଂଗଠନ ସହ ନୀଳାଚଳ କୃଷକ ମହାସଂଘର ସଭାପତି ଗୋପୀନାଥ ମିଶ୍ର ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

**କଣାସ:** କଣାସ ବ୍ଲକରେ ଶୁକ୍ରବାର ଦିନତମାମ ବର୍ଷା ଲଗି ରହିଛି। ଅନେକ ଧାନ ଜମିରେ ଶାରଦ ଧାନ ଫସଲ କଟା ହୋଇପଡ଼ିଥିବାବେଳେ ବହୁ ସ୍ଥାନରେ ଧାନଫସଲ ବିଡ଼ା ବିଡ଼ା ହୋଇ ହିଡ଼ ଉପରେ ଗଦା ହୋଇ ରହିଛି। ତେବେ ଝିପିଝିପି ବର୍ଷାରେ ସେଗୁଡ଼ିକ ଭିଜିବାରେ ଲାଗିଛି। ଫଳରେ ଧାନ ଗଜା ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅନେକ ଜମିରେ ଚିନାବାଦାମ ମଞ୍ଜିବୁଣା ଯାଉଥିବା ବେଳେ ପରିବା ଫସଲ, ବିରି, ମୁଗ, ରବିଚାଷ ନଷ୍ଟ ହେବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ଫଳରେ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନ୍ୟପକ୍ଷରେ ବର୍ଷା ଲାଗିରହିବା ସହ ଥଣ୍ଡା ପବନ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

# ନାଟ୍ୟଗୌରବ ବିଭୂତି ପଟ୍ଟନାୟକ ସମ୍ବର୍ଦ୍ଧିତ



**କଣାସ,୨୦।୧୨ (ସମିସ):** କଣାସ ବ୍ଲକ ବଡାସ ପଞ୍ଚାୟତ ବୈଦ୍ୟନାଥପାଟଣା ଗ୍ରାମର ନାଟ୍ୟ ଗୌରବ ବିଭୂତି ପଟ୍ଟନାୟକଙ୍କୁ ଭୁବନେଶ୍ୱରଠାରେ ଆୟୋଜିତ ଓଡିଶା ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଟ୍ୟକାର, କବି ଓ ସମାଜସେବୀ ଶ୍ରୀ ପଟ୍ଟନାୟକ ମୁଖ୍ୟଅତିଥି ଆନ୍ଧ୍ର ଓ ଛତିଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଜାତୀୟ ପ୍ରତିଯୋଗିତାରେ ରିଷିକାଙ୍କ କୃତିତ୍ୱ



**କୃଷ୍ଣପ୍ରସାଦ,୨୦।୧୨(ସମିସ):** ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୁରୁପାଳ ମାଟିର ଝିଅ ରିଷିକା ପ୍ରିୟଦର୍ଶିନୀ। ବୟସ ମାତ୍ର ୬ ବର୍ଷ ହୋଇଥିଲେ ହେଁ ତାଙ୍କର ଅସାଧାରଣ ଜ୍ଞାନ ବଳରେ ଏବେ ସେ ବଡ଼ ସଫଳତା ହାସଲ କରିପାରିଛନ୍ତି। ସୁଦୂର ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ରିଷିକା ଅଂଶଗ୍ରହଣ କରି ୭ ମିନଟରେ ୨ଶହ ପ୍ରଶ୍ନର ଉତ୍ତର ଦେଇ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି। ବିଚାରକ ମଣ୍ଡଳୀ ଦ୍ୱାରା ରିଷିକା ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିବାର ଲାଗିଛି। କୋମଳମତି ବୟସରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଗ୍ରାମବାସୀଙ୍କ ପାଇଁ ଗୌରବ ଆଣିଥିବା ରିଷିକା ବଡଝାଡ଼ ପଞ୍ଚାୟତର କୁରୁପାଳ ଗ୍ରାମର ରତ୍ନାକର ଜେନା, ଭାରତୀ ଜେନାଙ୍କ ଏକ ମାତ୍ର ଝିଅ। ରିଷିକା ପରିବାର ସହ ଭୁବନେଶ୍ୱରରେ ରହୁଥିବା ବେଳେ ସେ ପୋଖରୀପୁଟଠାରେ ଥିବା ଡିଏଭି ସ୍କୁଲର ଛାତ୍ରୀ। ସୂଚନାଯୋଗ୍ୟ, ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ୩୦ ଦେଶରୁ ୬ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ରାଜ୍ୟସ୍ତରୀୟ ବିଜ୍ଞାନମେଳାକୁ କାକଟପୁରର ପ୍ରତିନିଧିତ୍ୱ

**ଗମ୍ଭାରୀପଦା,୨୦।୧୨(ସମିସ):** କାକଟପୁର ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ବାଙ୍ଗୁରୀଗାଁ ପକ୍ଷରୁ କରାଯାଇଥିବା ମୌଳିକ ଭାଷା ଓ ସଂଖ୍ୟାଜ୍ଞାନର 'ଗଣିତର ଆବିଷ୍କାର' ଶିକ୍ଷଣ ପଦ୍ଧତି ପ୍ରକଳ୍ପଟି ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ସ୍ଥାନ ପାଇଥିବାରୁ କାକଟପୁର ବ୍ଲକର ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଫଳରେ ଏଭଳି ନୂତନ ପ୍ରକଳ୍ପ ନେଇ ଆଗାମୀ ବୈଜ୍ଞାନିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଉତ୍ସାହ ଉଦ୍ଦୀପନା ସୃଷ୍ଟି ହେଉଛି। ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ସ୍ୱାଇଁ ଓ ସହକାରୀ ଶିକ୍ଷୟିତ୍ରୀ ଉର୍ବଶୀ ରାଣୀ ସାହୁଙ୍କ ମାର୍ଗଦର୍ଶନରେ ଛାତ୍ର ରାହୁଳ କୁମାର ସାହୁଙ୍କ ପ୍ରକଳ୍ପ ଆଗାମୀ ଦିନରେ ସଂଖ୍ୟା ସଂକେତ, ସଂଖ୍ୟାର ନାମ ଯୋଗ ବିୟୋଗ, ଗୁଣନ ହରଣ ଭଳି ଗଣିତରେ ଥିବା ନାନାବିଧ ଜଟିଳ ସମସ୍ୟାର ସରଳୀକରଣ କରିବାରେ ସହାୟକ ହେବ। ସିଆରସିସି ରଞ୍ଜନ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକଳ୍ପଟି ରାଜ୍ୟ ସ୍ତରକୁ ଯାଇ କାକଟପୁର ବ୍ଲକ ପାଇଁ ସୁନାମ ଆଣିଛି।

# ଧାନକ୍ଷେତରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ

**ଗମ୍ଭାରୀପଦା,୨୦।୧୨(ସମିସ):** ଗତକାଲି ବିଳମ୍ବିତ ରାତିରେ ଜମିଜମା ଗଣ୍ଡଗୋଳକୁ ନେଇ କାକଟପୁର ଥାନା ଅର୍ନ୍ତଗତ ଓଥକା ଗ୍ରାମପଞ୍ଚାୟତର କପାଗୋରଡି ଗ୍ରାମର ନିରଞ୍ଜନ ପ୍ରସାଦ କାଣ୍ଡିଙ୍କ ପାଚିଲାଧାନ କ୍ଷେତରେ ବିରୋଧୀ ଗୋଷ୍ଠୀ ନିଆଁ ଲଗାଇ ଦେଇଥିବା କାକଟପୁର ଥାନାରେ ଅଭିଯୋଗ ହୋଇଛି। ଶ୍ରୀ କାଣ୍ଡିଙ୍କ କହିବା ମୁତାବକ, ତାଙ୍କ ସ୍ଥିତିବାନ ରେକର୍ଡଭୁକ୍ତ ସମ୍ପତ୍ତିରେ ସେ ଚଳିତ ବର୍ଷ ଫସଲ କରିଥିଲେ। ଧାନ ଅମଳ ଉପଯୋଗୀ ହେବାପରେ ମେସିନ୍ ସାହାଯ୍ୟରେ ଧାନ କାଟୁଥିବା ସମୟରେ କେତେକ ବ୍ୟକ୍ତି ଆସି ମେସିନ୍ ଆଗରେ ଠିଆ ହୋଇଥିଲେ। ଫଳରେ ମେସିନ୍ ଅପରେଟର୍ ଧାନ ନ କାଟି ପଳାଇଥିଲେ। ମେଘୁଆ ପାଗ ସାଙ୍ଗକୁ ଶୀତର ପ୍ରଭାବରେ ନିସ୍ତବ୍ଧତାର ସୁଯୋଗ ନେଇ ବିରୋଧ କରୁଥିବା ବ୍ୟକ୍ତିମାନେ ଧାନକ୍ଷେତରେ ନିଆଁ ଲଗାଇ ଦେଇଥିବା ସେ କାକଟପୁର ଥାନାରେ ଅଭିଯୋଗ କରିଛନ୍ତି।

# ଧଳାଜହର ଜବତ; ଜଣେ ଗିରଫ



**ବଲଙ୍ଗା,୨୦।୧୨(ସମିସ):** ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବଲଙ୍ଗା ଥାନା ଅନ୍ତର୍ଗତ ଦଳଭାଣପୁର ଛକରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ତା' ନିକଟରୁ ୧୭ ଗ୍ରାମ ଧଳାଜହର ଜବତ କରାଯାଇଛି। ସେ ହେଲା, ନିମାପଡ଼ା ଥାନା ଅଧୀନ ରେଞ୍ଚ ଶାସନର ବସନ୍ତ ଜେନା। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ବସନ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ବସନ୍ତ ନିମାପଡ଼ା ପିପିଲି ରାସ୍ତାର ଦଳଭାଣପୁର ଛକଠାରେ ଧଳାଜହର ବେପାର ପାଇଁ ଗ୍ରାହକ ଅପେକ୍ଷାରେ ରହିଥିବା ନେଇ ବଲଙ୍ଗା ଥାନା ଏସ୍ଆଇ କେଦାର ଚନ୍ଦ୍ର ଦୋରାଙ୍କୁ ସୂଚନା ମିଳିଥିଲା। ଶ୍ରୀ ଦୋରାଙ୍କ ନେତୃତ୍ୱରେ ଏଏସ୍ଆଇ ପ୍ରଶାନ୍ତ କୁମାର ବେହେରା, ହାବିଲଦାର ବିଷ୍ଣୁଚରଣ ସ୍ୱାଇଁ, ରବୀନ୍ଦ୍ର ଖଟୋଇ, ଦିବାକର ସେଠୀ ପ୍ରମୁଖ ଦଳଭାଣପୁର ଛକରେ ଚଢ଼ଉ କରିଥିଲେ। ଅଭିଯୁକ୍ତ ବସନ୍ତ ପୁଲିସ ଟିମ୍‌କୁ ଦେଖି ଖସିବାକୁ ଉଦ୍ୟମ କରିବା ସମୟରେ ପୁଲିସ ତାକୁ କାବୁ କରିଥିଲା। ପରେ ଅଭିଯୁକ୍ତର ପ୍ୟାଣ୍ଟ୍ ପକେଟ୍‌ରୁ ଜରି ପୁଡ଼ିଆରେ ଥିବା ୧୭ ଗ୍ରାମ ଧଳାଜହର ଜବତ କରାଯାଇଥିଲା।

# ବୁଲିଲା ଚାଷୀ ସଚେତନତା ରଥ



**ଗମ୍ଭାରୀପଦା,୨୦।୧୨(ସମିସ):** କାକଟପୁର ଓ ଅସ୍ତରଙ୍ଗ ବ୍ଲକର ପଞ୍ଜିକୃତ ଚାଷୀମାନଙ୍କଠାରୁ ଆସନ୍ତା ମାସ ୭ ତାରିଖରେ ମଣ୍ଡି ମାଧ୍ୟମରେ ଧାନ କ୍ରୟ ପୂର୍ବରୁ ଚାଷୀ ସଚେତନତା ରଥର ପରିଭ୍ରମଣ ଆରମ୍ଭ ହୋଇଛି। କମିଟି ସମ୍ପାଦକ ସୁଶାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ହିସାବ ନିରୀକ୍ଷକ ବିଜୟ କୁମାର ସ୍ୱାଇଁ ଓ କନିଷ୍ଠ କିରାଣୀ ଅମୀୟ ନାୟକ ଓ ଅନୁଚରଙ୍କ ପାତ୍ରଙ୍କ ଦ୍ୱାରା ପରିଚାଳିତ ସଚେତନତା ରଥ କାକଟପୁର ବ୍ଲକର ମଙ୍ଗଳା ସେବା ସମବାୟ ସମିତି ସମେତ ଗମ୍ଭାରିପଦା, ପାଟସୁନ୍ଦରପୁର, ସୁହାଗପୁର, ଲତାହରଣ, ବିଭୂତିପୁର, ଓଥକା, କୁଣ୍ଢେଇ, ରାୟସ, ଧନିତ୍ରୀ, ସନ୍ତରସ, ଜାଗେଶ୍ୱରୀ, ଚିତ୍ରେଶ୍ୱରୀ, ନାସିକେଶର, ବାଙ୍ଗୁରୀଗାଁ, ପାଟପୁର ଏବଂ ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ, ଅଠତିରା, ବନ୍ତିଲୋ, ଚକ୍ରପଡା, କଣ୍ଠାପଡା, କେନ୍ଦ୍ରାପଟି, ନଗର, ଶିଶୁଆ, ନଇଗୁଆଁ ସେବା ସମବାୟ ସମିତିର ସମ୍ପାଦକମାନଙ୍କ ସହ ରଥ ପ୍ରତିଟି ଗ୍ରାମ ବୁଲି ଚାଷୀମାନଙ୍କୁ ଧାନର ମାନ, ଏବଂ ସରକାରୀ ମୂଲ୍ୟ ସଂପର୍କରେ ଅବଗତ କରାଉଛନ୍ତି। ଯଦ୍ୱାରା ଚାଷୀମାନେ ଠକାମୀର ଶିକାର ନ ହୋଇ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ପାଇବା ସହ ଅଭାବି ବିକ୍ରି କରିବେ ନାହିଁ।

# ଶିକ୍ଷାବିତ୍ ପଦ୍ମଚରଣଙ୍କ ସ୍ମୃତିଚାରଣ



**କଣାସ,୨୦।୧୨(ସମିସ):** କଣାସ ବ୍ଲକ ଗୋପୀନାଥପୁର ପଞ୍ଚାୟତ କଳାପଦର ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ ପଦ୍ମଚରଣ ହରିଚନ୍ଦନଙ୍କ ଦ୍ୱାଦଶାହ ଉପଲକ୍ଷେ ଗତକାଲି ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅର୍ପତି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ଶାନ୍ତି ଆନନ୍ଦ ଆଶ୍ରମର ସନ୍ନ୍ୟାସୀ ବନବିହାରୀ ମହାରାଜ, ସନ୍ନ୍ୟାସୀ ସାନ୍ତୁନ ଦାସ, ପ୍ରଫେସର ଗଙ୍ଗାଧର ପ୍ରଧାନ, ଶିକ୍ଷାବିତ୍ ନଗେନ୍ଦ୍ର ସୁନ୍ଦରାୟ, କବି କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ଶିକ୍ଷାବିତ୍ ଅଜୟ କୁମାର ସେଠୀ, ଭାଗୀରଥୀ ମହାପାତ୍ର, ଲମ୍ବୋଦର ବେହେରା, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, କମଳ ଲୋଚନ ପ୍ରଧାନ, ଜ୍ଞାନରଞ୍ଜନ ଜେନା, ସାମ୍ବାଦିକ ହେମନ୍ତ କୁମାର ମହାରଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ହରିଚନ୍ଦନଙ୍କ ସ୍ମୃତିଚାରଣ କରିଥିଲେ। ବାସୁଦେବ ହରିଚନ୍ଦନ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିମାଇଁ ଚରଣ ସାହୁ ସଭା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଣାସ ବ୍ଲକର ବିଭିନ୍ନ ଜନପ୍ରତିନିଧି ଓ ଶିକ୍ଷାବିତ୍ ଯୋଗଦେଇଥିଲେ।

# ଗୋଦାମରେ ଚଢ଼ଉ; ନକଲି ଜର୍ଦ୍ଦା ଜବତ

**ସାକ୍ଷୀଗୋପାଳ,୨୦।୧୨(ସମିସ):** ସତ୍ୟବାଦୀରେ ବହୁ ଦିନ ହେବ କିଛି ହୋଲସେଲର୍ ନକଲି ଜର୍ଦ୍ଦା ବିକ୍ରୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ଏକ କମ୍ପାନୀର କର୍ମଚାରୀମାନେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ସାକ୍ଷୀଗୋପାଳ ବଜାରରେ ଥିବା କିଛି ବ୍ୟବସାୟୀଙ୍କ ଗୋଦାମ ଉପରେ ପୁଲିସ ଚଢ଼ଉ କରିଥିଲା। ସେଠାରୁ ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଜବତ ହୋଇଛି। ନକଲି ସାମଗ୍ରୀ ବିକ୍ରି କରୁଥିବା କିଛି ଅସାଧୁ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି, ଏହି ଅସାଧୁ ବ୍ୟବସାୟୀଙ୍କ ଉପରେ କଡ଼ା ନଜର ରଖାଯିବା ସହ ନକଲି ସାମଗ୍ରୀ ଉପରେ ରୋକ ଲଗାଯିବ।

# ଫିଟ୍ ଇଣ୍ଡିଆ ସପ୍ତାହ ଉଦ୍‌ଘାଟିତ

**ଚାରିଛକ,୨୦।୧୨(ସମିସ):** ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଫିଟ୍ ଇଣ୍ଡିଆ ସପ୍ତାହ ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ବିନୋଦିନୀ ଦାଶ ଏହାକୁ ଉଦଘାଟନ କରି ଶାରୀରିକ ସୁସ୍ଥତା ଓ ଦୀର୍ଘ ଜୀବନ ପାଇଁ ପରାମର୍ଶ ଦେଇଥିଲେ। ଏହି ସପ୍ତାହ ପାଳନ ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଫିଟ ଇଣ୍ଡିଆ ସମ୍ବନ୍ଧୀୟ ତର୍କ, କୁଇଜ୍, ଚିତ୍ରାଙ୍କନ, ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ସହ ସଚେତନତା ଶୋଭାଯାତ୍ରା କରାଯାଇ ସମସ୍ତଙ୍କୁ ସଚେତନ କରାଯିବ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଉଦ୍‌ଘାଟିତ



**କୁଣ୍ଢେଇ,୨୦।୧୨(ସମିସ):** ପୁରୀ ଜିଲ୍ଲା କାକଟପୁର ନିର୍ବାଚନମଣ୍ଡଳୀର ରତନପୁର ବିଜ୍ଞାନ ଡିଗ୍ରୀ କଲେଜରେ ତ୍ରିଦିବସୀୟ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଉଦ୍‌ଘାଟିତ ହୋଇଯାଇଛି। ଏକ ଶୃଙ୍ଖଳିତ ସମାଜ ଓ ବିକଶିତ ଭାରତବର୍ଷ ପାଇଁ ଯୁବ ନେତୃତ୍ୱର ଆବଶ୍ୟକତା ରହିଛି। ଏଣୁ ଜାତୀୟ ସେବା ସଂସ୍ଥାର ପ୍ରତିଟି ସ୍ୱେଚ୍ଛାସେବୀ ଏକ ଦକ୍ଷ ଲିଡର ହେବା ପାଇଁ ଆହ୍ୱାନ ଦେଇଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ। କାକଟପୁରର ରତନପୁର ବିଜ୍ଞାନ ଡିଗ୍ରୀ କଲେଜରେ ପୁରୀ, କଟକ ଓ ଜଗତସିଂହପୁର ଜିଲ୍ଲାର ୨୫ଟି ମହାବିଦ୍ୟାଳୟର ଶହେ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଆୟୋଜିତ ତ୍ରି-ଦିବସୀୟ ଅନ୍ତଃଜିଲ୍ଲା ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରି କୁଳପତି କହିଥିଲେ ଯେ ଶୃଙ୍ଖଳିତ ଚରିତ୍ର ଗଠନ ହିଁ ଏକ ଶୃଙ୍ଖଳିତ ସମାଜ ଗଠନ କରିପାରେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୈଳାଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ସମାଜସେବୀ ତଥା ଜାତୀୟ ସେବା ସଂସ୍ଥାର ପ୍ରାକ୍ତନ ପୁରସ୍କାରପ୍ରାପ୍ତ ଲିଡର ଡକ୍ଟର ବଦ୍ରି ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସେବାରେ ସମର୍ପଣ ଭାବ ଓ ଶୃଙ୍ଖଳିତ ନେତୃତ୍ୱ ବିକାଶରେ ଯୁବଗୋଷ୍ଠୀଙ୍କ ଯୋଗଦାନ ହିଁ ଓଡ଼ିଶାକୁ ମହିମାମୟ କରିପାରିବ ବୋଲି ଉଦ୍‌ବୋଧନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବ୍ରଜ ନାରାୟଣ ପାତ୍ର ଯୋଗଦାନ କରିଥିଲେ। ଜାତୀୟ ସେବା ସଂସ୍ଥାର ଅଧିକାରୀ ସବିତା ଦେଇ ଓ ମନୋରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୀ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଗୋଲକ ବିହାରୀ ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁଳପତିଙ୍କୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୨ ତାରିଖରେ ଉଦ୍‌ଯାପିତ ହେବ।

# ନିରାମୟରେ ନକଲି ଫାର୍ମାସିଷ୍ଟ!

## ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ସମାଜସେବୀ

**ଗମ୍ଭାରୀପଦା,୨୦।୧୨(ସମିସ):**

ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁସାରେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲାଯାଇଛି ନିରାମୟ କେନ୍ଦ୍ର। ଯେଉଁଠି ଆସୁଥିବା ପ୍ରତ୍ୟେକ ରୋଗୀମାନଙ୍କ ପାଇଁ ସରକାରଙ୍କ ତରଫରୁ ମାଗଣାରେ ଔଷଧ ବିତରଣ କରାଯାଏ। ଏହି କେନ୍ଦ୍ରକୁ ପରିଚାଳନା କରିବା ପାଇଁ ସରକାରଙ୍କ ତରଫରୁ ବେତନ ଭୋଗୀ ଫାର୍ମାସିଷ୍ଟଙ୍କର ନିଯୁକ୍ତି ମଧ୍ୟ ହୋଇଛି। କିନ୍ତୁ କାକଟପୁର ମେଡିକାଲରେ ଓଲଟା ଚିତ୍ର ଦେଖିବାକୁ ମିଳିଛି। ସରକାରୀ ଫାର୍ମାସିଷ୍ଟ ଡାକ୍ତରଙ୍କ ନିକଟରେ ରୋଗୀମାନଙ୍କ ରେଜିଷ୍ଟ୍ର ଲେଖୁଥିବା ବେଳେ ମେଡିକାଲର ନିରାମୟ କେନ୍ଦ୍ରରେ ଜଣେ ଅଜଣା ଯୁବକ ବସି ରୋଗୀମାନଙ୍କୁ ପ୍ରେସକ୍ରିପସନ ମାଧ୍ୟମରେ ଔଷଧ ଦେଉଥିଲେ। କେବଳ ସେତିକି ନୁହେଁ ଗୁରୁତ୍ୱପୂର୍ଣ୍ଣ ଇଞ୍ଜେକ୍ସନ



ମଧ୍ୟ ରୋଗୀମାନଙ୍କୁ ଦେବାରେ ନଜିର ରହିଛି। ଏହାକୁ ନେଇ ରୋଗୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସଂପର୍କରେ ଯୁବ ସମାଜସେବୀ ବିଶ୍ୱଜିତ ବିଶ୍ୱାଳ ଟ୍ୱିଟ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଓ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ କାକଟପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡଃ. ଶାନ୍ତି ଭୂଷଣ ଜେନା କହିଛନ୍ତି, କାକଟପୁର ମେଡିକାଲର ଡାକ୍ତର ବେହେରା ଏବେ ଟିକେ ଫିଟ୍ ନଥିବାରୁ ଉପସ୍ଥିତ ଫାର୍ମାସିଷ୍ଟ କିଛି ସମୟ ଡାକ୍ତରଙ୍କ ନିକଟରେ ରୋଗୀ ପଞ୍ଜୀକରଣ ରେଜିଷ୍ଟ୍ର ଲେଖିବାରେ ସାହାଯ୍ୟ କରିଥିଲେ। ଆଉ ସେହି ସମୟରେ ସେ ତାଙ୍କର ଏକ ଜଣାଶୁଣା ପିଲାକୁ ଡାକି ନିରାମୟରେ ବସାଇଥିଲେ। ଅଧିକାରୀ ଆହୁରି ମଧ୍ୟ କହିଛନ୍ତି ଯେ କାକଟପୁର ମେଡିକାଲରେ ଆବଶ୍ୟକ ମୁତାବକ ଡାକ୍ତର, ଫାର୍ମାସିଷ୍ଟ ନଥିବାରୁ କାମରେ ବାଧା ଉପୁଜୁଛି। କିନ୍ତୁ ସରକାରୀ ଫାର୍ମାସିଷ୍ଟ ବାହାର ପିଲାଙ୍କୁ ଡାକି ସରକାରଙ୍କ ନିରାମୟ ଦାୟିତ୍ୱ ଦେବା ସମ୍ପୂର୍ଣ୍ଣ ଭୁଲ, ଯଦି ଆମକୁ ଟ୍ୱିଟ୍ ଅଭିଯୋଗ ଦ୍ୱାରା କିଛି କାରଣଦର୍ଶାଅ ଆସେ ତାହେଲେ ଆମେ ଏହି କାରଣ ଦର୍ଶାଇବୁ। ସୂଚନା ମୁତାବକ, ଉକ୍ତ ସରକାରୀ ଫାର୍ମାସିଷ୍ଟ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଖଣ୍ଡାସାହି ମେଡିକାଲରେ କାର୍ଯ୍ୟ କରୁଛନ୍ତି। ଆଉ ଡେପୁଟେସନରେ କାକଟପୁର ମେଡିକାଲରେ ସୋମବାରରୁ ଗୁରୁବାର ପୋଷ୍ଟିଂ ହୋଇଛନ୍ତି। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ସରକାରଙ୍କ ଲକ୍ଷାଧିକ ଟଙ୍କାର ଔଷଧ ଯାହା ଜୀବନମରଣର ଦ୍ରବ୍ୟ, କିପରି ସରକାରଙ୍କ କର୍ମଚାରୀ ତାହାକୁ ଜଣେ ବାହ୍ୟ ଯୁବକଙ୍କ ହାତରେ ନ୍ୟସ୍ତ କରିଦେଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ସେହି ସମୟରେ ଭୁଲ ଔଷଧ ପ୍ରଭାବରେ କୌଣସି ରୋଗୀଙ୍କ ଜୀବନ ବିପଦପୂର୍ଣ୍ଣ ହୋଇଯିବ ତାହେଲେ ସେଥିପାଇଁ ଦାୟୀ କିଏ ହେବ। ଏ ସଂପର୍କରେ ସମାଜସେବୀ ବିଶ୍ୱଜିତ ବିଶ୍ୱାଳ କହିଛନ୍ତି, ଆଗାମୀ ଦିନରେ ଆମ ଅଭିଯୋଗକୁ ଭିତ୍ତି କରି ଯଦି କାର୍ଯ୍ୟାନୁଷ୍ଠାନ ନିଆ ନଯିବ; ତା'ହେଲେ ଉକ୍ତ କର୍ମଚାରୀଙ୍କ ନାମରେ ମାମଲା ରୁଜୁ ପାଇଁ ଅଭିଯୋଗ କରାଯିବ।



ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମାରୁତଃ॥

ତୁମର ଆକସ୍ମିକ ବିୟୋଗରେ ପରିବାରବର୍ଗ, ବନ୍ଧୁବାନ୍ଧବ ସମସ୍ତେ ଅତ୍ୟନ୍ତ ମର୍ମାହତ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ସ୍ୱ. ଶଙ୍କର ପ୍ରସାଦ ନାୟକ
ଆବିର୍ଭାବ: ୨୬.୦୬.୧୯୪୬
ତିରୋଧାନ: ୧୧.୧୨.୨୦୨୪

॥ ଶୋକସନ୍ତପ୍ତ ପରିବାର ॥
କିରଣ କୁମାର ନାୟକ, କଲ୍ୟାଣ କୁମାର ନାୟକ, କଲ୍ଲୋକ କୁମାର ନାୟକ, କମଳେଶ କୁମାର ନାୟକ

ଶକ୍ତିନଗରପଡା, ଭବାନୀପାଟଣା

# ଶ୍ରୀକ୍ଷେତ୍ର ସିଟି

୨୦/୧୨/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୩୪,୩୧୩/- ସୁନା: ୦୨.୬୨୦ ଗ୍ରାମ୍ ରୁପା: ୮୨.୭୦୦ ଗ୍ରାମ୍





### ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ମଠାଧୀଶ

## ମଠ ନାମରେ ରେକର୍ଡ ହେଉ ବିଜେସ୍ଥଳୀ

ପୁରୀ,୨୦।୧୨(ସମିସ)



ମଠ ନାମରେ ରେକର୍ଡ କରାଯାଉ ମଠର ବିଜେସ୍ଥଳୀ। ମଠ ବିଜେସ୍ଥଳୀ ଶ୍ରୀମନ୍ଦିର ପ୍ରଶାସନ ନାଁରେ ଥିବାରୁ ମଠର ସୁପରିଚାଳନା ଦିଗରେ ନାନାଦି ସମସ୍ୟା ହେଉଛି। ତେଣୁ ବିଜେସ୍ଥଳୀର ପୁନରୁଦ୍ଧାର ଓ ସୁରକ୍ଷା ପାଇଁ ଶୁକ୍ରବାର ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି ଶ୍ରୀକ୍ଷେତ୍ରର ମଠାଧୀଶ ସମୂହ। ସେମାନେ ଦର୍ଶାଇଛନ୍ତି ଯେ, ବିଜେସ୍ଥଳୀ ମଠ ନାଁରେ ରେକର୍ଡ ନ ଥିବାରୁ ମଠ ବିକାଶରେ ବାଧା ଉପୁଜୁଛି। ମଠ ପ୍ରତିଷ୍ଠା ସମୟରେ ଭୂମିଦାନ ଦେଇଥିବା ରାଜା, ମହାରାଜାର ଓ ଜମିଦାରଙ୍କ ପ୍ରତି ଏହା ଅପମାନ। ହଜାର ହଜାର ବର୍ଷ ତଳେ ସ୍ୱ ସ୍ୱ ସମ୍ପ୍ରଦାୟର ପ୍ରଚାର ପ୍ରସାର ପାଇଁ ମଠ ପ୍ରତିଷ୍ଠା କରିଥିବା ଜଗଦ୍‌ଗୁରୁ ଆଚାର୍ଯ୍ୟମାନଙ୍କ ଭାବନାକୁ ଏହାଦ୍ୱାରା କୁଠାରଘାତ କରାଯାଉଛି। ଦେବୋତ୍ତର ଓ ଶ୍ରୀମନ୍ଦିର ଆଇନର ଦ୍ୱୈତ ଶାସନରେ ଛନ୍ଦି ହୋଇ ଅଣଃନିଶ୍ୱାସୀ ହୋଇପଡୁଛନ୍ତି ମଠାଧୀଶ। ସାଧୁସନ୍ଥ, ଅତିଥି, ଅଭ୍ୟାଗତ ଓ ବିଦ୍ୟାର୍ଥୀ ସେବାରେ ବାଧା ଉପୁଜୁଛି। ଅସାମାଜିକ ବ୍ୟକ୍ତିମାନେ ଏହାର ଫାଇଦା ନେଇ ମଠ ଭୂସମ୍ପତ୍ତି ଜବରଦଖଲ କରିଛନ୍ତି। ମଠାଧୀଶମାନେ ଅସାମାଜିକ ବ୍ୟକ୍ତିଙ୍କ ସହିତ ଆଇନଗତ ଲଢ଼େଇ କରି ମଧ୍ୟ ସଫଳତା ପାଉନାହାନ୍ତି। ଶ୍ରୀମନ୍ଦିର ଓ ମଠମାନଙ୍କ ମଧ୍ୟରେ ଥିବା ସୁସମ୍ପର୍କରେ ବ୍ୟାଘାତ ହେଉଛି। ମଠର ଚାଷ ଜମିରୁ ମିଳୁଥିବା ଆୟ ଚାଷୀଙ୍କଠାରୁ ନ ମିଳିବାରୁ ମଠ ପରିଚାଳନାରେ ଘୋର ଅସୁବିଧା ହେଉଛି। ମଠର ଉତ୍ତରାଧିକାରୀ ହେବାକୁ ଆସୁଥିବା ପିଲାମାନେ ମଠର ଭବିଷ୍ୟତ ଅନ୍ଧକାର ବୋଲି ଅନୁଭବ କରି ମୁହଁ ଫେରାଇ ନେଉଛନ୍ତି। ଜବରଦଖଲକାରୀ, ଭଡାଟିଆ ଓ ମଠକୁ ଆୟ ନ ଦେଉଥିବା ଚାଷୀଙ୍କର ମଠାଧୀଶଙ୍କ ପ୍ରତି କୌଣସି ଭୟ ରହୁନାହିଁ। ମଠ ପରିସରରେ ମଠାଧୀଶମାନେ ନୂତନ ନିର୍ମାଣ କରିପାରୁନାହାନ୍ତି। ମଠ ନାମରେ ରେକର୍ଡ ନ ଥିବାରୁ ଆଇନଗତ ଲଢେଇରେ ସେମାନଙ୍କୁ ସହାୟତା ମିଳୁନାହିଁ ବୋଲି ମଠାଧୀଶମାନେ ଦାବି ଜଣାଇଛନ୍ତି।

ମଠାଧୀଶମାନେ କହିଛନ୍ତି, ପୁରାତନ ଐତିହ୍ୟ ମଠଗୁଡ଼ିକୁ ସୁରକ୍ଷା ଦେବା ରାଜ୍ୟ ସରକାରଙ୍କର କର୍ତ୍ତବ୍ୟ। ଗତ ସରକାର ଗୋବର୍ଦ୍ଧନ ମଠ ବିଜେସ୍ଥଳୀକୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଫେରାଇ ଦେଇଥିଲେ। ସେହିଭଳି ଶ୍ରୀକ୍ଷେତ୍ରର ଅନ୍ୟ ମଠଗୁଡ଼ିକର ବିଜେସ୍ଥଳୀ ସମ୍ପତ୍ତିକୁ ସ୍ୱତନ୍ତ୍ର ଭାବେ କ୍ୟାବିନେଟରେ ଫଇସଲା କରି ସେମାନେ ଫେରାଇଦେବାକୁ ଶ୍ରୀକ୍ଷେତ୍ରର ମଠାଧୀଶ ସେବା ସଂଘର ସମସ୍ତ ମଠାଧୀଶ ଦାବି କରିଛନ୍ତି। ଏଥିପାଇଁ ସେମାନେ ୭ ଦିନ ସମୟ ଦେଇଛନ୍ତି। ଯଦି ସେମାନଙ୍କର ଦାବି ପୂରଣ ନ ହୁଏ ତେବେ ଆସନ୍ତା ୨୭ ତାରିଖରୁ ଶ୍ରୀମନ୍ଦିର ସମ୍ମୁଖ ଏମାର ମଠ ଚକଡ଼ାରେ ସାମୂହିକ ଅନଶନରେ ବସିବେ ବୋଲି ଚେତବନୀ ଦେଇଛନ୍ତି। ସେପଟେ ମଠଗୁଡ଼ିକ ହେଉଛନ୍ତି ଜଗନ୍ନାଥ ସଂସ୍କୃତିର ଅଭିନ୍ନ ଅଂଶ। ତେଣୁ ଯାହା ବି ପ୍ରଶାସନିକ ପରିଧି ମଧ୍ୟରେ ଆସିବ ତାହା ନିଶ୍ଚୟ କରାଯିବ କହିଛନ୍ତି ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ।

**ଦାବି ପୂରଣ ନ ହେଲେ ୨୭ରୁ ଅନଶନ**

---

● ରତ୍ନଭଣ୍ଡାର ମରାମତି

## ଭିତର ଭଣ୍ଡାରଘର କାନ୍ଥର ଡି-ପ୍ଲାଷ୍ଟରିଂ ଆରମ୍ଭ

ପୁରୀ,୨୦।୧୨(ସମିସ): ଚାଲିଛି ରତ୍ନଭଣ୍ଡାର ମରାମତି କାମ। ଶୁକ୍ରବାର ତୃତୀୟ ଦିନରେ ଏଏସ୍ଆଇକୁ ପ୍ରାୟ ଅଢ଼େଇ ଘଣ୍ଟା ସମୟ ମିଳିଥିଲା। ଏହି ସମୟ ମଧ୍ୟରେ କୁଶଳୀ ଶ୍ରମିକଙ୍କୁ ନିୟୋଜିତ କରି ଭିତର ରତ୍ନଭଣ୍ଡାରରେ ଡି ପ୍ଲାଷ୍ଟରିଂ କାମ ଆରମ୍ଭ କରାଯାଇଛି। ଶ୍ରମିକମାନେ ଭିତରଭଣ୍ଡାର ଘର କାନ୍ଥର ପ୍ଲାଷ୍ଟର ଛଡାଇବା ଆରମ୍ଭ କରିଛନ୍ତି। ସମ୍ପୂର୍ଣ୍ଣ ପ୍ଲାଷ୍ଟର ଛଡାଯିବା ପରେ ଏହାକୁ ଡି ପ୍ଲାଷ୍ଟରିଂ କରାଯିବ। ପ୍ଲାଷ୍ଟର ଛଡାଯିବା ପରେ ଜିପିଆର୍ ରିପୋର୍ଟରୁ ମିଳିଥିବା ଚିହ୍ନଟ ସ୍ଥାନକୁ ଭଲ ଭାବେ ମରାମତି କରାଯିବ। ଏହାପରେ ସମ୍ପୂର୍ଣ୍ଣ ଭାବେ ଡି ପ୍ଲାଷ୍ଟରିଂ କରାଯିବ। ଏତଦ୍‌ବ୍ୟତୀତ ଭିତରଭଣ୍ଡାର ଘରେ ପ୍ରଭାବିତ ପଥରଗୁଡ଼ିକ ମଧ୍ୟ ପରିବର୍ତ୍ତନ କରାଯିବ ବୋଲି ଜଣାପଡ଼ିଛି।

## ଭକ୍ତିସଙ୍ଗୀତ ଶ୍ରଦ୍ଧାଞ୍ଜଳି ସମାରୋହ

ପୁରୀ,୨୦।୧୨(ସମିସ): ବରିଷ୍ଠ ଘଟୁଆରୀ ସେବକ ସତ୍ୟବାଦୀ ଘଟୁଆରୀଙ୍କ ଏକାଦଶାହ ଅବସରରେ ଭକ୍ତିସଙ୍ଗୀତ ଶ୍ରଦ୍ଧାଞ୍ଜଳି ସମାରୋହ ଅଠରନଳାସ୍ଥିତ ସିନି କନ୍‌ଭେନସନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେତାର ଶିଳ୍ପୀ ମମତା ଶ୍ରୀଚନ୍ଦନ, ଯଜ୍ଞଦତ୍ତ ଦାଶ, ଭବେଶ କୁମାର ବରାଳ ପ୍ରମୁଖ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଦିଲ୍ଲୀପ ପଣ୍ଡା, ଯୁଞ୍ଜିନ ମହାପାତ୍ର, ଚିନ୍ମୟ କୁମାର ମାଳ, ସୋମନାଥ ସାହୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ଓ ପ୍ରସନ୍ନ କୁମାର ସାହୁ ସଞ୍ଚାଳନ କରିଥିଲେ।

## ଚାରୁ ଓ କାରୁକଳା ମହାବିଦ୍ୟାଳୟର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ପୁରୀ,୨୦।୧୨(ସମିସ): ଗୋରୁଆଳ ନୂଆପାଟଣାସ୍ଥିତ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ନୂତନ ପରିସରରେ ନବାଗତ ପ୍ରଥମ ବର୍ଷ କଳା ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ଜଣ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ତରଫରୁ ପାଠ୍ୟ ଉପକରଣ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମିଶ୍ର ଯୋଗଦେଇଥିଲେ। ସଭାପତି ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ୟାମପ୍ରକାଶ ସେନାପତି, ଅଧ୍ୟାପିକା ତୃପ୍ତିରେଖା ମିଶ୍ର, କଳ୍ପନା ବେହେରା, ଅଧ୍ୟାପକ ଜଗବନ୍ଧୁ ଦାଶ, ଭବାନୀ ଶଙ୍କର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ସରପଞ୍ଚ ଶ୍ରୀ ମିଶ୍ର ନୂଆପାଟଣା ସ୍କୁଲଠାରୁ ଚାରୁକଳା ପରିସର ପର୍ଯ୍ୟନ୍ତ କଚ୍ଚା ରାସ୍ତାକୁ ଖୁବ୍‌ଶୀଘ୍ର ପକ୍କା ରାସ୍ତା କରାଯିବ। ନୂଆପାଟଣା ସ୍କୁଲ ନିକଟ ବିଦ୍ୟୁତ୍ ଖୁଣ୍ଟ ଏବଂ ଆର୍ଟ କଲେଜ ସମ୍ମୁଖ ଖୁଣ୍ଟରେ ଦୁଇଟି ମରକ୍ୟୁରି ଲାଇଟ୍ ଦେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ସାଂସ୍କୃତିକ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ପରିଚାଳନା କରିଥିଲେ। ପରିଶେଷରେ ଚକ୍ରଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ରାହୁଲ ଗାନ୍ଧୀଙ୍କ ଗିରଫ ଦାବି

## ଏସ୍‌ପିଙ୍କୁ ଦାବିପତ୍ର ଦେଲା ବିଜେପି ଯୁବମୋର୍ଚ୍ଚା



ପୁରୀ,୨୦।୧୨(ସମିସ): ସଂସଦ ପ୍ରବେଶ ପଥରେ ଠେଲାପେଲା ଯୋଗୁ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ୨ ଜଣ ସାଂସଦ ଆହତ ହୋଇଛନ୍ତି। ତାଙ୍କୁ ରାହୁଲ ଗାନ୍ଧୀ ଠେଲି ଦେଇଥିବା ନେଇ ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ରାହୁଲ ଗାନ୍ଧୀଙ୍କ ଗିରଫଦାରୀ ଦାବିରେ ବିଜେପି ଯୁବ ମୋର୍ଚ୍ଚା ତରଫରୁ ଶୁକ୍ରବାର ଟାଉନ ହଲ୍ ନିକଟରୁ ଏକ ପଦଯାତ୍ରା ବାହାରି ଏସ୍‌ପି ଅଫିସରେ ପହଞ୍ଚିଥିଲା। ସେଠାରେ ବିଜେପିର ନେତୃତ୍ୱମାନେ କଂଗ୍ରେସ ବିରୋଧରେ ନାରାବାଜି କରିବା ସହିତ ରାହୁଲ ଗାନ୍ଧୀକୁ ଗିରଫ ଦାବି କରିଥିଲେ। ପରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ପୂର୍ବତନ ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହି ଶୋଭାଯାତ୍ରାରେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ମହିଳା ମୋର୍ଚ୍ଚାର ସଭାନେତ୍ରୀ ଜ୍ୟୋତି ମହାପାତ୍ରଙ୍କ ସମେତ ସଞ୍ଜୀବ ମୁଖାର୍ଜୀ, ରବି ଦାଶ, ପ୍ରସନ୍ନ ମିଶ୍ର, ସୁଦେଶା ପଣ୍ଡା, ସଂଗ୍ରାମ କନୁନ୍‌ଗୋ, ସୋମନାଥ ଖୁଣ୍ଟିଆ, ବିଶ୍ୱଜିତ୍ ମହାନ୍ତି, ବିଭୂତି ରଥ, ସୌମ୍ୟା ମିଶ୍ର, ଅକ୍ଷୟ ମହାନ୍ତି, କବିତା ରଥ, ଅଜୟ ପ୍ରଧାନ, ବିଶ୍ୱଜିତ ଦାଶ, ପ୍ରଦୀପ ପରିଡା, ବିଜୟଲକ୍ଷ୍ମୀ ମିଶ୍ର ପ୍ରମୁଖ ସାମିଲ ଥିଲେ।

---

## ଶ୍ରୀସଦାଶିବ ପରିସରରେ ସ୍ୱତନ୍ତ୍ର ଅଧିବେଶନ

ପୁରୀ,୨୦।୧୨(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ବୁଧବାର ଇଣ୍ଡିଆ ଥିଙ୍କ୍ କାଉନସିଲର ମିଳିତ ସହଭାଗିତାରେ ମହାକୁମ୍ଭ-୨୦୨୫ର ଆଧ୍ୟାତ୍ମିକ, ଆଦର୍ଶଗତ ଏବଂ ସାଂସ୍କୃତିକ ଦିଗ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କୁମ୍ଭର ପୌରାଣିକ ଇତିହାସ ଏବଂ ସନାତନ ପରମ୍ପରାର ମୂଲ୍ୟବୋଧ ଉପରେ ଆଧୁନିକ ଦୃଷ୍ଟିକୋଣରୁ ଆଲୋଚନା ମାଧ୍ୟମରେ ବିଦ୍ୱାନମାନଙ୍କ ମତାମତ ସଂଗ୍ରହ କରିବା, ସମାଜ ପାଇଁ ଏହାକୁ ଲିପିବଦ୍ଧ କରିବା ଏବଂ ଆଜିର ଚଳନ୍ତି ସମସ୍ୟାର ସମାଧାନ ଖୋଜିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀରେ ବିଭିନ୍ନ ବିଜ୍ଞ ପ୍ରାଜ୍ଞମାନେ ସେମାନଙ୍କ ମତପୋଷଣ କରିଥିଲେ।

ବୈଠକରେ ଅଂଶଗ୍ରହଣ କରିଥିବା ବକ୍ତାମାନେ ଥିଲେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଅବନୀଶ ଅୱସ୍ତି, ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନୀର୍ଜା ଗୁପ୍ତା, ପୂର୍ବତନ କୁଳପତି ଏସ୍.ଜେ.ଏସ୍.ଭି. ପୁରୀ, ପ୍ରଫେସର କିଶୋର ଚନ୍ଦ୍ର ପାଢ଼ୀ, ପ୍ରଫେସର ଏମ୍. ଚନ୍ଦ୍ରଶେଖର, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଜି.ଏସ୍.ଆର୍. କୃଷ୍ଣମୂର୍ତ୍ତି, ବିକାନେର ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ ପ୍ରଫେସର ମନୋଜ ଦୀକ୍ଷିତ, ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଅତିରିକ୍ତ ଆଡଭୋକେଟ୍ ଜେନେରାଲ ଅଶୋକ ମେହେଟ୍ଟା ଏବଂ ବରିଷ୍ଠ ସାମ୍ବାଦିକ ପ୍ରଫେସର ହର୍ଷବର୍ଦ୍ଧନ ତ୍ରିପାଠୀ। ବୈଠକରେ ସଦାଶିବ ପରିସର ପୁରୀର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ଏବଂ ଇଣ୍ଡିଆ ଥିଙ୍କ୍ କାଉନସିଲର ନିର୍ଦ୍ଦେଶକ ସୌରଭ ପାଣ୍ଡେ। ଏହି କାର୍ଯ୍ୟକ୍ରମରେ ସଦାଶିବ ପରିସରର ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମର ସଂଯୋଜକ ଥିଲେ ଅଧ୍ୟାପକ ଡ. ଚକ୍ରଧର କର।

### ବ୍ରହ୍ମଗିରି ବିଧାୟିକାଙ୍କ ସମୀକ୍ଷା ବୈଠକକୁ ବିରୋଧ

## ବ୍ଲକ୍ ଆଗରେ ଧାରଣା; ଆସିଲେନି ଉପାସନା

ପୁରୀ,୨୦।୧୨(ସମିସ)

ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଡାକିଥିବା ସମୀକ୍ଷା ବୈଠକକୁ ବିରୋଧ। ଦୀର୍ଘ ୮ ମାସ ହେବ ପଞ୍ଚାୟତ ସମିତି ବୈଠକ ବସିପାରି ନାହିଁ। ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କେଉଁଥିପାଇଁ ହେବ ବୋଲି ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ପ୍ରଶ୍ନ କରିବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏଭଳି ବିରୋଧାଭାଷକୁ ଦେଖି ବିଧାୟିକା ବ୍ଲକ କାର୍ଯ୍ୟାଳୟକୁ ଯାଇ ନ ଥିଲେ। ପ୍ରାୟ ୩ ଘଣ୍ଟା ଧରି ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ ନିର୍ବାଚିତ ପ୍ରତିନିଧି। ତେବେ ସମୀକ୍ଷା ବୈଠକ ବାତିଲ ହେବା ନେଇ ଘୋଷଣା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ବ୍ରହ୍ମଗିରି ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ନିମନ୍ତେ ବିଧାୟିକା ଶୁକ୍ରବାରକୁ ଦିନ ଧାର୍ଯ୍ୟ କରିଥିଲେ। ସେଥିପାଇଁ ବ୍ଲକ ପ୍ରଶାସନ ତରଫରୁ ସମସ୍ତ ବିଭାଗକୁ ଡକା ଯାଇଥିଲା। ହେଲେ ନୂତନ ସରକାର ଆସିବା ପରଠାରୁ ବ୍ଲକରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରି ନାହିଁ। ସଠିକ ସମୟରେ ଅର୍ଥାତ ୮ ମାସ ଧରି ପଞ୍ଚାୟତ ସମିତି ବୈଠକ ହୋଇପାରୁ ନାହିଁ। ତେଣୁ ସମୀକ୍ଷା କ'ଣ ପାଇଁ ହେବ ବୋଲି ପ୍ରଶ୍ନ କରିବା ସହ ବିଧାୟିକାଙ୍କ ସମୀକ୍ଷାକୁ ବିରୋଧ କରିଥିଲେ ବ୍ଲକର ସମସ୍ତ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ। ସେମାନେ ସବୁ ବିଭାଗରେ ତାଲା ପକାଇ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। କାହାରିକୁ କାର୍ଯ୍ୟାଳୟ ଭିତରକୁ ଛାଡ଼ି ନ ଥିଲେ। ବ୍ଲକରେ ସ୍ଥାୟୀ ବିଡିଓ ନିଯୁକ୍ତି, ସରକାରୀ ନିୟମ ଅନୁଯାୟୀ ପଞ୍ଚାୟତ ସମିତି ବୈଠକ, ପଞ୍ଚାୟତଗୁଡ଼ିକରେ ଥିବା ଅଧପନ୍ତରିଆ କାର୍ଯ୍ୟର ସମାଧାନ, ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ସେମାନଙ୍କ ଅଧିକାର ସହିତ ୭ଦଫା ଦାବି କରି ହରତାଳ କରିଥିଲେ। ଏଥିସହ ଶୁକ୍ରବାର ହେବାକୁ ଥିବା ସମୀକ୍ଷା ବୈଠକ ବନ୍ଦ କରିବା ପାଇଁ ମଧ୍ୟ ଦାବି କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ନିର୍ବାଚିତ ପ୍ରତିନିଧିମାନେ ଧାରଣାରେ ବସି ରହିଥିଲେ ମଧ୍ୟ ବିଧାୟିକାଙ୍କର ଦେଖା ମିଳି ନ ଥିଲା। ଜନପ୍ରତିନିଧିଙ୍କର ଏହି ଧାରଣାକୁ ନେଇ ବିଧାୟିକାଙ୍କ ସମର୍ଥିତ ନେତା, କର୍ମୀ ଓ ବ୍ଲକର ଅଧିକାରୀ ଓ କର୍ମଚାରୀ ଛାନିଆ ହୋଇଯାଇଥିଲେ। ପ୍ରାୟ ୩ ଘଣ୍ଟା ପରେ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ବ୍ରହ୍ମଗିରି ଆଇଆଇସି ପ୍ରଜ୍ଞା ମହାନ୍ତି, ଅତିରିକ୍ତ ବିଡିଓ ଧାରଣାରତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ବିଧାୟିକାଙ୍କ ସମୀକ୍ଷାକୁ ସ୍ଥଗିତ ରଖିବା ସହ ଆସନ୍ତା ୩୦ ତାରିଖରେ ପଞ୍ଚାୟତ ସମିତି ବୈଠକ ବସିବ। ସେହି ବୈଠକରେ ସମସ୍ତ ବିଷୟରେ ଆଲୋଚନା କରାଯିବା ପରେ ବିଧାୟିକାଙ୍କ ସମୀକ୍ଷା ହେବ ବୋଲି ଅତିରିକ୍ତ ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ବୈଠକ ବାତିଲ୍ ପରେ ଧାରଣା ପ୍ରତ୍ୟାହୃତ**

---

## 'ଶ୍ରୀଜଗନ୍ନାଥଙ୍କ ପ୍ରତି ବିଦେଶୀଙ୍କ ଭିତରେ ଆସ୍ଥା ବଢ଼ିଚାଲିଛି'

ପୁରୀ,୨୦।୧୨(ସମିସ): ଭଏସ୍ ଅଫ୍ କମନମ୍ୟାନ ପକ୍ଷରୁ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଗୁରୁବାର ଆମେରିକାରୁ ଆସିଥିବା ପ୍ରଫେସର ଯଶୋବନ୍ତ ପାଠକଙ୍କ ସମ୍ମାନାର୍ଥେ ଏକ ବୌଦ୍ଧିକ ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ପାଠକ ଆନ୍ତର୍ଜାତିକ ସାଂସ୍କୃତିକ ଅଧ୍ୟୟନ ସଂସ୍ଥାର ପ୍ରତିଷ୍ଠାତା ରହିଥିବା ବେଳେ ବିଦେଶରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିକାଶ ଦିଗରେ ଚେଷ୍ଟିତ ଅଛନ୍ତି। ଆମେରିକାର ନ୍ୟୁୟର୍କ ରାଜ୍ୟରେ ଏକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ମଧ୍ୟ କାର୍ଯ୍ୟ କରୁଛନ୍ତି। ତାଙ୍କ ବକ୍ତବ୍ୟରେ ସେ ସାଂସ୍କୃତିକ ଭାବ ବିନିମୟ କାର୍ଯ୍ୟକ୍ରମରେ ବିଶ୍ୱର ଶତାଧିକ ଦେଶ ଭ୍ରମଣ କରିବା ଅବସରରେ ଅର୍ଜିତ ଅନୁଭୂତି ବର୍ଣ୍ଣନା କରିଥିଲେ। ସେ କହିଲେ ଯେ, ଆମ ଭାରତୀୟ ସଂସ୍କୃତି ସହିତ ଆଫ୍ରିକାର ଅନେକ ଦେଶର ଲୋକ ସଂସ୍କୃତିର ଗଭୀର ସାମଞ୍ଜସ୍ୟ ରହିଛି। ଏଣୁ ବିଶ୍ୱର ମାନବ ସମାଜ ଗୋଟିଏ ସାଂସ୍କୃତିକ ଧାରାରେ ଅନୁବନ୍ଧିତ ହୋଇଥିବା ବିଷୟ ଯାହା ବେଦ ଓ ଉପନିଷଦରେ କୁହାଯାଇଛି ତାହା ସତ୍ୟ। ଯୋଗ ଓ ନିରାମିଷ ଭୋଜନର ପ୍ରସାର ଫଳରେ ଭବିଷ୍ୟତରେ ଭାରତ ସଂସ୍କୃତି ଓ ଆଧ୍ୟାତ୍ମିକ କ୍ଷେତ୍ରରେ ବିଶ୍ୱଗୁରୁ ଭାବେ ସ୍ୱୀକୃତ ହେବା କିଛି ବିଚିତ୍ର ନୁହେଁ। ସେ ଆହୁରି କହିଥିଲେ, ଶ୍ରୀଜଗନ୍ନାଥଙ୍କ ପ୍ରତି ବିଦେଶୀମାନଙ୍କ ଭିତରେ ଆସ୍ଥା ବଢିଚାଲିଛି। ମହାପ୍ରଭୁଙ୍କ



ମହାତ୍ମ୍ୟ, ରୀତିନୀତି ତଥା ଶ୍ରୀକ୍ଷେତ୍ରର ଐତିହ୍ୟ ବିଷୟଭିତ୍ତିକ ତଥ୍ୟ ଓ ତତ୍ତ୍ୱ ଅଧ୍ୟୟନ କରିବା ପାଇଁ ବହୁଲୋକ ଆଗ୍ରହୀ। ଏଣୁ ଶ୍ରୀଜଗନ୍ନାଥଙ୍କ ନାମରେ ଏକ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରକୃଷ୍ଟ ସମୟ ଆସିଛି। ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଅଧୀନରେ ବିଦ୍ୱାନମାନଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ପାଠ୍ୟକ୍ରମ ପରିଚାଳନା କରାଯାଇପାରିବ। ଏହି ଆସରରେ କବି ଦେବୀପ୍ରସନ୍ନ ନନ୍ଦ ଅତିଥି ପରିଚୟ ଦେବା ପରେ ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ହେକ୍ଟର ମିଶ୍ର ଭଏସ୍ ଅଫ୍ କମନ ମ୍ୟାନ ସଂସ୍ଥାର କାର୍ଯ୍ୟକାରିତା ବିଷୟରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ସନ୍ଦୀପ ଭାଇ ଆନ୍ତର୍ଜାତିକ ସାଂସ୍କୃତିକ ଅଧ୍ୟୟନ ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମ ତଥା ଭୁବନେଶ୍ୱରଠାରେ ଥିବା ରାଜ୍ୟ ଶାଖା ବିଷୟରେ ଅବଗତ କରାଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷିକା ଚିନ୍ମୟୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆସରରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାମ୍ବାଦିକ ରାଜକୁମାର ମହାନ୍ତି, ପ୍ରଫେସର ବିଶ୍ୱନାଥ ମିଶ୍ର, ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ପ୍ରଫେସର ଛାୟାକାନ୍ତ, ଶତ୍ରୁଘନ ବଳିୟାରସିଂହ, ଚନ୍ଦନ ମିଶ୍ର, ଜୟଦୀପ ଦାଶ, ରାଜକୁମାର ଦାସମହାପାତ୍ରଙ୍କ ସମେତ କେତେଜଣ ବିଦ୍ୟାର୍ଥୀ ଉପସ୍ଥିତ ରହି ପ୍ରଶ୍ନୋତ୍ତରରେ ଭାଗ ନେଇଥିଲେ।

---

### ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

## ଚାଷୀଙ୍କୁ ଆକର୍ଷିତ କରୁଛି ରିହାତି

ପୁରୀ,୨୦।୧୨(ସମିସ)

ଶରଧାବାଲିରେ ଚାଲିଛି ପାଞ୍ଚଦିନିଆ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା। ପାରମ୍ପରିକ ପଦ୍ଧତିରେ ଚାଷ କାର୍ଯ୍ୟ କରୁଥିବା ଚାଷୀମାନେ କିପରି ଅଧିକ ଶସ୍ୟ ଅମଳ କରିପାରିବେ ସେଥିଲାଗି କୃଷି ଯନ୍ତ୍ରପାତି ମେଳା ଆୟୋଜନ କରାଯାଇଛି। କୃଷକମାନେ ଏହି ମେଳାକୁ ଆସି ଚାଷ କାର୍ଯ୍ୟରେ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରୟୋଗ କଲେ କିପରି କମ୍ ସମୟ ମଧ୍ୟରେ ଏବଂ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଅବଗତ ହେଉଛନ୍ତି। ଫଳରେ ମେଳାରୁ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି କିଣୁଛନ୍ତି। ତେବେ ଏହି କୃଷି ଯନ୍ତ୍ରପାତି ବିକ୍ରିବଟାକୁ ଅଧିକ ଗତି ଦେଉଛି ସରକାରୀ ରହାତି। ଅର୍ଥାତ୍ ରିହାତି ଚାଷୀମାନଙ୍କୁ ମେଳା ପ୍ରତି ବିଶେଷ ଆକର୍ଷଣ କରୁଛି।



ସରକାର ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଓ ଉତ୍ତମ ଚାଷ ପଦ୍ଧତି ଶିଖାଇବାକୁ ମେଳା ପଡ଼ିଆରେ କୃଷି, ଉଦ୍ୟାନ କୃଷି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଷ୍ଟଲ ପଡିଛି। ଚାଷୀମାନଙ୍କୁ ଷ୍ଟଲରେ ଥିବା କର୍ମଚାରୀ ବୁଝାଉଛନ୍ତି। ସମ୍ପୃକ୍ତ ଷ୍ଟଲରେ ବିକ୍ରି ହେଉଥିବା ସାମଗ୍ରୀର ଗୁଣବତ୍ତା ସମ୍ପର୍କରେ ଲିଫ୍‌ଲେଟ୍ ପ୍ରଦାନ କରିବା ସହ ଚାଷୀମାନଙ୍କ ନାମ ପଞ୍ଜିକୃତ କରୁଛନ୍ତି। ତେବେ ଏହି ମେଳାର ମୁଖ୍ୟ ଆକର୍ଷଣ ସାଜିଛି ସରକାରୀ ରିହାତି ବ୍ୟବସ୍ଥା। ମେଳାରେ ବିକ୍ରି ହେଉଥିବା ପ୍ରାୟ ସବୁ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ବିକ୍ରି ଉପରେ ଏହି ରିହାତି ବ୍ୟବସ୍ଥା ରହିଛି। ପଞ୍ଜୀକୃତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଧିକ ରିହାତି ସୁବିଧା ଦିଆଯାଉଥିବା ବେଳେ ଅନୁସୂଚିତ ଜାତି, ଜନଜାତି, ମହିଳା, ପୁରୁଷ, ସାଧାରଣବର୍ଗଙ୍କୁ ଭିନ୍ନ ଭିନ୍ନ ରିହାତି ଦିଆଯାଉଛି। ଏଥିସହ ମେଳାରେ ବିଭିନ୍ନ ଯନ୍ତ୍ରାଂଶ ବିକ୍ରି କରୁଥିବା କମ୍ପାନୀଗୁଡ଼ିକ ମଧ୍ୟ ଆକର୍ଷଣୀୟ ରିହାତି ବ୍ୟବସ୍ଥା ରଖିଛନ୍ତି।

ବିଶେଷକରି ପାୱାର ରିପର (ଧାନକଟା ଯନ୍ତ୍ର), ବ୍ରସ୍ କଟର (ଘାସକଟା ଯନ୍ତ୍ର), ପାୱାର ଟିଲର, ପାୱାର ୱିଡର (କୋଡାଖୋସା ମେଶିନ), ରୋଟାରୀ ଟିଲର, ରୋଟାଭେଟର, ପ୍ରାଚୀ ଥେସର ମେଶିନ, ପମ୍ପସେଟ୍ ଆଦି ବିଭିନ୍ନ ଯନ୍ତ୍ରପାତି ବିକ୍ରି କରାଯାଉଛି। ଏହାବ୍ୟତୀତ ଅଟାକଳ, ଧାନ କଳ ମଧ୍ୟ ବିକ୍ରି ହେଉଛି ଏହି ମେଳାରେ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚାଷୀମାନେ ଆସି ଏହିସବୁ ଅତ୍ୟାଧୁନିକ ଯନ୍ତ୍ରପାତି କିଣି ନେଉଛନ୍ତି। ସରକାରୀ ରିହାତି ପାଇବା ପାଇଁ ଚାଷୀମାନଙ୍କୁ ଆବଶ୍ୟକ କାଗଜପତ୍ର ଦରକାର ପଡୁଛି। ଚାଷୀ ପଞ୍ଜୀକରଣ, ଆଧାରକାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, କୃଷକ ଓଡ଼ିଶା ପଞ୍ଜୀକରଣ, ଗୋ-ସୁଗମ ପଞ୍ଜୀକରଣ କାଗଜପତ୍ର ଦେଖାଇ ରିହାତିର ସୁଯୋଗ ନେଉଛନ୍ତି। ଅନ୍ୟପକ୍ଷରେ ମେଳା ପରିସରରେ ଚାଷୀମାନଙ୍କ ପାଇଁ ସେମିନାର ଅନୁଷ୍ଠିତ ହେଉଛି। ସେହିପରି ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଦାସଙ୍କ ତତ୍ତ୍ୱାବଧାରେ ଏହି ସେମିନାରରେ ଚାଷୀମାନଙ୍କୁ ଅଧିକ ରୋଜଗାରକ୍ଷମ ହେବା ସମ୍ପର୍କରେ ସଚେତନ କରାଯାଉଛି।

SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା:**
**ନିୟମିତ : 13735 + ବ୍ୟାକଲଗ୍ : 456**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ବିଜ୍ଞାପନ ନମ୍ବର CRPD/CR/2024-25/24 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 17.12.2024 ରୁ 07.01.2025 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ଉପଲବ୍ଧ।

ସ୍ଥାନ: ମୁମ୍ବାଇ
ତାରିଖ: 17.12.2024

ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

**ଅମଳ ବେଳେ ଅଦିନିଆ ବର୍ଷା**

# ଦୋଛକିରେ ଚାଷୀ



ସୋନପୁର, ୨୦।୧୨ (ସମିସ): ବିଲରେ ଲହଡ଼ି ମାରୁଛି ପାଚିଲା ଧାନ; କିନ୍ତୁ କାଟିଲେ ବିପଦ, ନ କାଟିଲେ ବି ବିପଦ। ତେଣୁ କରିବେ କ'ଣ? ସୁବର୍ଣ୍ଣପୁର ଜିଲ୍ଲାର ଚାଷୀମହଲ ଏବେ ଏମିତି ଦୋଛକିରେ ପଡ଼ିଛନ୍ତି।

ସୂଚନାନୁଯାୟୀ, ଲଘୁଚାପ ପ୍ରଭାବରେ ଆଜି ମଧ୍ୟାହ୍ନରୁ ଜିଲ୍ଲାରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ଏହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ପାଚିଲା ଧାନ ନ କାଟିଲେ ବିଲରେ ନଷ୍ଟ ହେବ, କାଟିଲେ ବର୍ଷାରୁ ବଞ୍ଚାଇବା ଅସମ୍ଭବ। ଧାନ କାଟି ବିଲରେ ଗଦାଇଥିବା ଚାଷୀଙ୍କ ଚିନ୍ତା ଆହୁରି ଅଧିକ। ସ୍ଥିତି ଏମିତି ଯେ କଟା ଧାନ ଦେଖିବାକୁ ଛତା ଧରି ଚାଷୀ ବିଲକୁ ବାରମ୍ବାର ଦୌଡ଼ୁଛି। କିଏ ପୁଣି ଜରିପାଲ ଢାଙ୍କି ଧାନ ବଞ୍ଚାଇବା ପାଇଁ ଚେଷ୍ଟା କରୁଛି। ଅପରପକ୍ଷେ, ସରକାର ଏଫ୍ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଉଛନ୍ତି। କିନ୍ତୁ ବର୍ଷା ପାଣି ଲାଗି ଧାନ ଓଦା ହୋଇ ରଙ୍ଗ ବଦଳି ଯାଉଥିବାରୁ ଏଫ୍ଏକ୍ୟୁ ମାନର ଧାନ କେଉଁଠୁ ଆଣିବୁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ଜିଲ୍ଲାରେ ମଣ୍ଡି ଖୋଲିଥିବାରୁ ବିକ୍ରି କରିବା ଆଶାରେ ଚାଷୀମାନେ ଏକରଏକର ଚାଷ ଜମିର ଧାନ କାଟି ବିଲରେ ପକାଇଛନ୍ତି। କିନ୍ତୁ ଆଉ ଦିନେ ଦୁଇ ଦିନ ବର୍ଷା ଲାଗି ରହିଲେ, ସବୁ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଅପରପକ୍ଷେ, ଖଳାକୁ ଆସିଥିବା ଧାନ ମଧ୍ୟ ଶୁଖିପାରିବ ନାହିଁ। ଜିଲ୍ଲାର ପ୍ରାୟ ୫୦ଭାଗ ଚାଷୀ ଧାନ କାଟି ସାରିଥିବା ବେଳେ ଅଧିକାଂଶ ଚାଷୀଙ୍କ ଧାନ ବିଲରେ ପଡ଼ିଛି। କିଛି ଚାଷୀ ଅମଳ ଧାନକୁ ରାସ୍ତାକଡ଼ରେ ରଖି ଜରିପାଲ ଘୋଡ଼ାଇ ସାଇତିବା ଉଦ୍ୟମ କରିଛନ୍ତି। ତେବେ ଧାନ ଅମଳ ସମୟରେ ପ୍ରତି ବର୍ଷ ଏଭଳି ବର୍ଷା ଚାଷୀଙ୍କୁ ବିଶେଷ କ୍ଷତି ପହଞ୍ଚାଉଛି।

**ଖୋଲାରେ ପଡ଼ିଛି ଅମଳ ଧାନ**

# ଡରାଇଲାଣି ଲଘୁଚାପ

ବଲାଙ୍ଗିର, ୨୦।୧୨(ସମିସ): ଜିଲ୍ଲାରେ ଧାନମଣ୍ଡି ଖୋଲିବାକୁ ପାଖାପାଖି ୨୦ ଦିନ ବିତିଲାଣି। କିନ୍ତୁ ବିଭିନ୍ନ ଅବ୍ୟବସ୍ଥା ଯୋଗୁଁ ଏଯାଏ ଯେତିକି ଧାନ ଉଠିବା କଥା, ତାହା ଉଠିପାରିନାହିଁ। ଫଳରେ ମଣ୍ଡିରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ବସ୍ତା ସେମିତି ଖୋଲା ଆକାଶ ତଳେ ଗଦା ହୋଇ ପଡ଼ି ରହିଛି। ଏପରି ସ୍ଥିତିରେ କୋହଲା

## ମଣ୍ଡିରେ ଧାନ ଓଦା ହେଲେ ଦାୟୀ କିଏ?

ପାଗ ଓ ଅଦିନିଆ ବର୍ଷା ଆଶଙ୍କା ଏବେ ଚାଷୀକୁଳକୁ ଡରାଇଲାଣି। ଜିଲ୍ଲାର ଅଧିକାଂଶ ମଣ୍ଡିର ଗୋଦାମ ଗୃହ ନଥିବାରୁ ଚାଷୀ ଧାନବସ୍ତାଗୁଡ଼ିକୁ ସେମିତି ଖୋଲା ଆକାଶ ତଳେ ଗଦାଇଛି। କିଛି ସ୍ଥାନରେ ଜରିପାଲ ଟାଣି ଅସ୍ଥାୟୀ ବ୍ୟବସ୍ଥା କରଯାଇଥିଲେ ହେଁ ତାହା ଲଗାଣ ବର୍ଷା କିମ୍ବା ଟିକିଏ ଜୋର୍ ବର୍ଷାକୁ ସମ୍ଭାଳିପାରିବ ନାହିଁ ବୋଲି କୁହାଯାଉଛି। ଯଦି ଧାନ ଓଦା ହେଲା, ପୁଣି ଏଫ୍ଏକ୍ୟୁ ଜନିତ ସମସ୍ୟାକୁ ନେଇ ମଧ୍ୟ ମିଲର୍ କେଁ ବାହାର କରିପାରନ୍ତି। ତେଣୁ ଏସବୁ ପାଇଁ ଦାୟୀ କିଏ ରହିବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ଅପରପକ୍ଷେ, ଧାନକିଣାରେ ଅବ୍ୟବସ୍ଥା ଯୋଗୁଁ ବହୁ ଚାଷୀ ଅମଳ ଧାନକୁ ମଣ୍ଡିକୁ ନ ନେଇ ଖଳା, ଛାତ, ରାସ୍ତା ଉପରେ ଗଦା କରି ରଖିଛନ୍ତି। ଆଉ କିଛି ଚାଷୀ ଧାନ କାଟି ବିଲରେ ଗଦାଇ ରଖିଛନ୍ତି। ଏପରି




ଅବସ୍ଥାରେ, ଯଦି ଦିନେ ଦୁଇ ଦିନ ଭିତରେ ଏଠାରେ ବର୍ଷା ହୁଏ, ତେବେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ନଷ୍ଟ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ଏହାସହ ଧାନର ଏଫଏକ୍ୟୁ ମାନ ମଧ୍ୟ ହ୍ରାସ ହେବାର ସମ୍ଭାବନା ରହିଛି। ଗୋଟିଏପଟେ ଜିଲ୍ଲାରେ କଟନି-ଛଟନି ନାମରେ ଚାଷୀଙ୍କୁ ହଇରାଣ କରାଯାଉଥିବା ବେଳେ ବର୍ତ୍ତମାନ କୋହଲା ପାଗ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଏହାକୁ ଦୃଷ୍ଟିରେ ରଖି ଶୀଘ୍ର ଧାନ ଉଠାଇବା ସହ ଚାଷୀମାନଙ୍କ ଧାନ କିଣିବା ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି।

**ଝିପିଝିପି ବର୍ଷା ଜାରି**

# ପାଚିଲା ଧାନ ଅମଳକୁ ନେଇ ଚିନ୍ତାରେ ଚାଷୀ

ପୁରୀ/ନିମାପଡ଼ା, ୨୦।୧୨(ସମିସ): ପୁରୀରେ ଶୁକ୍ରବାର ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ଝିପିଝିପି ବର୍ଷା ଲାଗି ରହିଛି। ଫଳରେ ସୁନାର ଫସଲ ଅମଳକୁ ନେଇ ଏବେ ଚାଷୀଙ୍କ ଚିନ୍ତା ବଢ଼ିଛି। ଜମିରେ ପାଚିଲା ଧାନ କିପରି ଖଳାକୁ ଆସିବ, ସେନେଇ ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ବର୍ତ୍ତମାନ ଧାନକଟା ସମୟ। ଧାନ ପାଚି ଯାଇଥିବାରୁ ଚାଷୀମାନେ ଅମଳ ପାଇଁ ତରତର ହେଉଥିବା ବେଳେ ହଠାତ୍ ବର୍ଷା ଏଥିରେ ବାଧକ ସାଜିଛି। ଶୁକ୍ରବାର ଏବଂ ଶନିବାର ଉପକୂଳବର୍ତ୍ତୀ ଜିଲ୍ଲାରେ ଝିପିଝିପି ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ଚାଷୀ ମନରେ ଛନକା ପଶିଥିଲା। ବିଲରେ ପାଚିଲା ଧାନ ଥିବା ବେଳେ ଘରେ ଶାନ୍ତିରେ ଶୋଇ ପାରି ନଥିଲେ ଚାଷୀ। କେମିତି ଧାନ କଟା ହୋଇ ଖଳାକୁ ଆସିବ, ସେହି ଚିନ୍ତାରେ ଥିବା ବେଳେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଝିପିଝିପି ବର୍ଷା ଆହୁରି ଡରାଇ ଦେଇଛି।

ଯଦିଓ ବର୍ଷା ଅଧିକ ପରିମାଣରେ ହେଉନାହିଁ, କିନ୍ତୁ ପାଚିଲା ଧାନ କିଆରିରେ ପାଣି ଜମିଗଲାଣି। କିଛି



ଜମି ପୂର୍ବରୁ ଓଦାଳିଆ ରହିଥିବା ବେଳେ ଏବେର ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇଛି। ସାଧାରଣତଃ ବିଲ ଶୁଖିଲା ଥିଲେ ଧାନ କାଟିବା ପାଇଁ ସୁବିଧା ହୋଇଥାଏ। ହେଲେ ଏହି ବର୍ଷା ଯୋଗୁଁ ଯେଉଁ ଅଳ୍ପ ପରିମାଣର ପାଣି ବିଲରେ ଜମିଲା, ସେଥିପାଇଁ ଧାନ ଅମଳ କିଛିଦିନ ବିଳମ୍ବ ହେବ। ଏମିତି ବି ଅନେକ ଧାନ ନଷ୍ଟ ହୋଇଯିବ ବୋଲି କହିଛନ୍ତି ନିମାପଡ଼ା ତୁଳସୀପୁରର ବିଶ୍ୱନାଥ ତ୍ରିପାଠୀ। ସେ କହିଛନ୍ତି, ବର୍ଷା ଯୋଗୁଁ ପଡ଼ିଯାଇଥିବା ଧାନ ଗଜା ହେବାର ବହୁ ସମ୍ଭାବନା ରହିଛି। ଯଦି ଶନିବାର ଏହିପରି ଝିପି ଝିପି ବର୍ଷା ଲାଗି ରୁହେ ତେବେ ୫୦ ଭାଗ ଧାନ ଫସଲ ବିଲରେ ନଷ୍ଟ ହୋଇଯିବ। ଏହି ଅଦିନିଆ ବର୍ଷା ଚାଷୀ ମୁଣ୍ଡରେ ଚଡ଼କ ପକାଇଛି। ସେହିପରି ନିମାପଡ଼ା ଚାରିଛକର ଚାଷୀ କୃଷ୍ଣଚନ୍ଦ୍ର ରାଉତ କହିଛନ୍ତି, ଚାଷୀମାନେ ବହୁ ପଇସା ଖର୍ଚ୍ଚ କରି ଧାନ ଚାଷ କରିଛନ୍ତି। ଏହି ଅଦିନିଆ ବର୍ଷା ଯୋଗୁଁ ଜମିରୁ ପାଚିଲା ଧାନ କାଟିବା ସମ୍ଭବ ହେବ ନାହିଁ। ବିଶେଷକରି ଜମିରେ ପଡ଼ିଥିବା କଟାଧାନ ସବୁ ବର୍ଷା ପାଣିରେ ଓଦା ହୋଇ ଝଡ଼ି ନଷ୍ଟ ହେବ। ଧାନ ଅମଳ ସମୟରେ ଏଭଳି ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ପୁରୀ ସଦର ଅଞ୍ଚଳର ଚାଷୀ ମଧୁସୂଦନ ସାହୁ କହିଛନ୍ତି, ମୁଁ ୩ ଏକର ଧାନ ଚାଷ କରିଛି। ପ୍ରାୟ ୧ ଏକର ଧାନ କାଟି ଖଳାକୁ ନେଇସାରିଲିଣି। ଏବେ ୨ ଏକର ଧାନ ଜମିରେ ରହିଛି। ପ୍ରାୟ ସବୁ ଧାନ ପାଚିଯାଇଛି। ଯଦି ବର୍ଷା ଅଧିକ ହୁଏ ତେବେ ଜମିରେ ପାଚିଲା ଧାନ ନଷ୍ଟ ହେବ। ଭଗବାନଙ୍କ ଇଚ୍ଛା ଯାହା ଥିବ ତାହା ହିଁ ହେବ ବୋଲି ମନଦୁଃଖରେ କହିଥିଲେ ମଧୁସୂଦନ।

**ବଦଳି ବାତିଲ ପାଇଁ ଭିତ୍ତିହୀନ ମାମଲାକୁ ନେଇ ହାଇକୋର୍ଟଙ୍କ ଅସନ୍ତୋଷ**

# ତଣ୍ଡ ଗଣିବେ ଆବେଦନକାରୀ

କଟକ, ୨୦।୧୨(ସମିସ): ମେଡିକାଲ କ୍ୟାମ୍ପସ୍‌ର ଗୋଟିଏ ବିଭାଗରୁ ଆଉ ଗୋଟିଏ ବିଭାଗକୁ ହୋଇଥିବା ବଦଳି ଆଦେଶକୁ ବାତିଲ୍ ପାଇଁ ରୁଜୁ ମାମଲାକୁ ନେଇ ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି ମାମଲାର ଆଇନଗତ ଯୋଗ୍ୟତା ନାହିଁ ଏବଂ ଏହା ନ୍ୟାୟିକ ପ୍ରକ୍ରିୟାକୁ ଉପହାସ କରୁଛି। ଏପରି ଏକ ମାମଲା ଦାୟର କରି ଆବେଦନକାରୀ ଅଦାଲତଙ୍କ ମୂଲ୍ୟବାନ ନ୍ୟାୟିକ ସମୟ ନଷ୍ଟ କରିଛନ୍ତି। ଏହି ସମୟ ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ତଥା ଆଇନଗତ ସମସ୍ୟା ପାଇଁ ଉତ୍ସର୍ଗୀକୃତ ହୋଇପାରିଥା'ନ୍ତା ବୋଲି ହାଇକୋର୍ଟ କହିଛନ୍ତି। ଝରଣା ବେହେରାଙ୍କ ତରଫରୁ ରୁଜୁ ଏହି ଆବେଦନକୁ ଖାରଜ କରିବା ସହ ହାଇକୋର୍ଟ ବାର୍ ଆସୋସିଏସନ୍ କଲ୍ୟାଣ ପାଣ୍ଠିରେ ୭ଦିନ ମଧ୍ୟରେ ୫ହଜାର ଟଙ୍କା ଜରିମାନା ପଇଠ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ଆବେଦନକାରୀ ବର୍ତ୍ତମାନ କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଓଜି ଅଲଟ୍ରାସାଉଣ୍ଡ ରୁମ୍‌ରେ ନର୍ସିଂ ଅଫିସର୍ ଭାବେ କାର୍ଯ୍ୟରତ। ମେଡିକାଲ ଅଧୀକ୍ଷକ ଗତ ନଭେମ୍ବର ୩୦ରେ ତାଙ୍କୁ ସେହି ମେଡିକାଲ ପରିସରରେ ଚକ୍ଷୁ ବିଭାଗକୁ ବଦଳି ପାଇଁ ଏକ ଆଦେଶ ଜାରି କରିଥିଲେ। ଆବେଦନକାରୀ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିବା ଦର୍ଶାଇ ନୂତନ ବିଭାଗକୁ ବଦଳିକୁ ବିରୋଧ କରି ଆବେଦନାକରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍‌ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୦।୧୨(ସମିସ): ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍‌ର ଅଷ୍ଟମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରପର୍ସନ ରାଜଶ୍ରୀ ବିର୍ଲା



ଯୋଗଦେଇ ଭଗବତ ଗୀତା ଓ ଯୋଗ ଶିକ୍ଷା ଜୀବନରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷା ପରାମର୍ଶଦାତା ଡ. ପଲ୍ ପୁଡୁସେରୀ ଯୋଗଦେଇ ପ୍ରତିଷ୍ଠା ଦିବସକୁ ଉତ୍ସବ ନୁହେଁ; ଭବିଷ୍ୟତ ଗଢ଼ିବା ପାଇଁ ଏକ ପ୍ରତିବଦ୍ଧତାର ଦିନ ବୋଲି କହିଛନ୍ତି। ଆଦିତ୍ୟ ବିର୍ଲା ଗ୍ରୁପ୍ ଶିକ୍ଷା ବିଭାଗ ଉପଦେଷ୍ଟା ଡଃ ଏସ୍ ଗାଙ୍ଗୁଲି ପରିବାରର ଚିନ୍ତାଧାରାକୁ ପିଲାମାନେ ଶିକ୍ଷାଲାଭ କରିବା ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦାଶ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିବାବେଳେ ମେଣ୍ଟର ଡାଫ୍‌ନୀ ଅଙ୍ଗର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ରାଟ ଅଶୋକଙ୍କ ପରିବର୍ତ୍ତନଶୀଳ ଜୀବନୀକୁ ନେଇ ଉପସ୍ଥାପିତ ନାଟକ 'ସମ୍ରାଟ ଅଶୋକ' ସମସ୍ତଙ୍କୁ ମୁଗ୍ଧ କରିବା ସହ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇଛି।

# ଶିମିଳିପାଳରୁ ପୁଣି ୬ ଶିକାରୀ ଗିରଫ

ବାରିପଦା, ୨୦।୧୨(ସମିସ): ଶିମିଳିପାଳ ଅଭୟାରଣ୍ୟରୁ ପୁଣି ୬ଶିକାରୀ ଧରାପଡ଼ିଛନ୍ତି। ସମସ୍ତ ଶିକାରୀ ଉଦଳା ଥାନା ଅନ୍ତର୍ଗତ ବାଣିଆଦରା ଗ୍ରାମର। ସେମାନଙ୍କଠାରୁ ୫ଟି ବନ୍ଧୁକ, ବାରୁଦ, ଲୁହା ଗୁଣ୍ଡ ଏବଂ ମାରଣାସ୍ତ୍ର ଜବତ ହୋଇଛି। ଏମାନେ ମାରଣାସ୍ତ୍ର ଧରି ଅଭୟାରଣ୍ୟର କୋର୍ ଅଞ୍ଚଳକୁ ପଶିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ୍ ହୋଇଥିଲା। ଏହାକୁ ଆୟୁଧ କରି ସେମାନଙ୍କୁ ଧରାଯାଇଥିଲା। ଅପରପକ୍ଷେ, ଗିରଫ ଶିକାରୀଙ୍କ ମଧ୍ୟରୁ ୪ ଜଣଙ୍କୁ ବନବିଭାଗ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ସେମାନେ ହେଲେ, ସନ୍ତୋଷ ଭକ୍ତା(୨୮), ବିଶ୍ୱନାଥ ଭକ୍ତା(୨୫), ସନ୍ତୋଷ ଭକ୍ତା(୫୦) ଓ ସିମନାଥ ଭକ୍ତା (୩୦)।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ଉପଭୋକ୍ତା ମହାସଂଘର ବିରୋଧ

ଭୁବନେଶ୍ୱର,୨୦।୧୨(ସମିସ): ଆସନ୍ତା ବର୍ଷରୁ ଗ୍ରୀଡ୍‌କୋର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବକୁ ତୀବ୍ର ବିରୋଧ କରିଛି ଓଡିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ। ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ ଓ ଆବାହକ ରବି ବେହେରା ଏକ ମିଳିତ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ ଆସନ୍ତା ଆର୍ଥିକବର୍ଷରୁ ଗ୍ରୀଡ୍‌କୋ ପକ୍ଷରୁ ବିଜୁଳି ୟୁନିଟ୍ ପିଛା ୫୪ ପଇସା ବୃଦ୍ଧି କରିବାକୁ ଓଇଆର୍‌ସିକୁ ଯେଉଁ ପ୍ରସ୍ତାବ ଦିଆଯାଇଛି। ସରବରାହଜନିତ କ୍ଷତି ଓ ବିଜୁଳି ଚୋରିକୁ ରୋକିବାରେ ବ୍ୟର୍ଥ ଗ୍ରୀଡ୍‌କୋ ଏବଂ ବିଭିନ୍ନ ବିଜୁଳି ଆବଣ୍ଟନ କମ୍ପାନୀମାନେ ଆର୍ଥିକ କ୍ଷତିକୁ ଭରଣା ପାଇଁ ଗ୍ରାହକଙ୍କ ଉପରେ ଶୁଳ୍କ ବୃଦ୍ଧି ଲଦିବାକୁ ଯାଉଛନ୍ତି। ସରକାର ଏଥିରେ ହସ୍ତକ୍ଷେପ କରିବାକୁ ମହାସଂଘ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଜନଆନ୍ଦୋଳନ ତୀବ୍ରତର ହେବ ବୋଲି ଶ୍ରୀ କାନୁନ୍‌ଗୋ ଓ ଶ୍ରୀ ବେହେରା ଚେତାବନୀ ଦେଇଛନ୍ତି। ଗ୍ରୀଡ୍‌କୋ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ବିଜୁଳି ୟୁନିଟ୍ ପିଛା ୩.୯୫ ଟଙ୍କା କରିବା ପାଇଁ ଗ୍ରୀଡ୍‌କୋ ପ୍ରସ୍ତାବ ଦେଇଛି, ଯାହା ଗତବର୍ଷ ଅପେକ୍ଷା ୟୁନିଟ୍ ପିଛା ୫୪ ପଇସା ଅଧିକ। ଏହି ଶୁଳ୍କ ବୃଦ୍ଧି ପ୍ରସ୍ତାବ ଆଦୌ ଗ୍ରହଣୀୟ ନୁହେଁ ଏବଂ ଏହା ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ବୋଲି ସେମାନେ କହିଛନ୍ତି।

# ନୟାଗଡ଼ ଡିଏଫ୍‌ଓଙ୍କ ବେଆଇନ କ୍ୱାର୍ଟର୍ସ ନିର୍ମାଣକୁ ନେଇ ହାଇକୋର୍ଟରେ ମାମଲା

କଟକ,୨୦।୧୨(ସମିସ): ଜଙ୍ଗଲ ଜମି ଉପରେ ନୟାଗଡ଼ ଜିଲ୍ଲା ବନ ବିଭାଗର ଟେରିଟୋରିଆଲ ଡିଏଫ୍‌ଓଙ୍କ ବେଆଇନ କ୍ୱାର୍ଟର୍ସ ନିର୍ମାଣକୁ ନେଇ ମାମଲା ହାଇକୋର୍ଟରେ ପହଞ୍ଚିଛି। ଭାରତୀୟ ବିକାଶ ପରିଷଦ ତରଫରୁ ନିରଞ୍ଜନ ଦାସ ଓ ସୁରେନ୍ଦ୍ର ପାଣିଗ୍ରାହୀ ଉପରୋକ୍ତ ପ୍ରସଂଗରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ଟେରିଟୋରିଆଲ ଡିଏଫଓଙ୍କ ସରକାରୀ କ୍ୱାର୍ଟର୍ସକୁ ପ୍ରାୟ ୫୩ ଲକ୍ଷ ଟଙ୍କା ବ୍ୟୟରେ ବେଆଇନ ଭାବେ ପତିତ ଜଙ୍ଗଲ କିସମ ଜମିରେ ନିର୍ମାଣ କରାଯାଇଛି। ସେହିଭଳି ପୂର୍ବରୁ ଭଲ ସ୍ଥିତିରେ ଥିବା ପୁରୁଣା କ୍ୱାର୍ଟରର ମରାମତି ବାବଦରେ ଗତ ୨୦୧୯ରୁ ୨୦୨୨ ମଧ୍ୟରେ ୧୧ଲକ୍ଷ୭୮ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏପରିକି ବିପଦସଂକୁଳ ଘୋଷଣା ସତ୍ତ୍ୱେ ଏହାର ମରାମତିରେ ଅର୍ଥ ଖର୍ଚ୍ଚ କରାଯାଇଥିବା ନେଇ ଆବେଦନରେ ଦର୍ଶାଯାଇଛି।

ସରକାରଙ୍କ ନିୟମ ଅନୁସାରେ ଯଦି ସ୍ୱାମୀ ସ୍ତ୍ରୀ ଗୋଟିଏ ସ୍ଥାନରେ ନିଯୁକ୍ତି ପାଇଥା'ନ୍ତି, ତାହେଲେ ଗୋଟିଏ ବାସ ଗୃହରେ ରହିବା କଥା। ଟେରିଟୋରିଆଲ ଡିଏଫଓଙ୍କ ସ୍ୱାମୀ ମହାନଦୀ ବନ୍ୟପ୍ରାଣୀ ଡିଭିଜନରେ ଡିଏଫଓ ରହିଥିବା ବେଳେ ତାଙ୍କର ଏକ କ୍ୱାର୍ଟର୍ସ ବି ରହିଛି। କିନ୍ତୁ ବିନା ଟେଣ୍ଡରରେ ଟେରିଟୋରିଆଲ ଡିଏଫଓଙ୍କ କ୍ୱାର୍ଟର୍ସ ପାଇଁ ୫୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବାରୁ ଏହାର ତଦନ୍ତ ଦାବି କରାଯାଇଛି। ଉକ୍ତ ମାମଲାରେ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ, ପିସିସିଏଫ୍, ଭିଜିଲାନ୍ସ ନିର୍ଦ୍ଦେଶକ ଏବଂ ନୟାଗଡ଼ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଉକ୍ତ ମାମଲାକୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

**ଆଜିଠୁ ଲୋକମେଳା ଓ କୃଷିମେଳା**

# ୨୦ ରାଜ୍ୟରୁ ଯୋଗଦେବେ ୨୫୦ କଳାକାର

ପୁରୀ, ୨୦।୧୨ (ସମିସ): ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ପାଞ୍ଚଦିନ ବ୍ୟାପୀ ସ୍ୱର୍ଣ୍ଣାଭ ବେଳାଭୂମିରେ ଅନୁଷ୍ଠିତ ହେବ ୨୨ତମ ଲୋକମେଳା ଓ ୧୫ତମ କୃଷିମେଳା। ଶନିବାର ଏହି ମେଳା ଉଦ୍‌ଘାଟିତ ହେବ। ଏହି ମହୋତ୍ସବରେ ଆସାମ, ମିଜୋରାମ, ମଣିପୁର, ହରିୟାଣା, ଗୁଜୁରାଟ, ପଞ୍ଜାବ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ସିକ୍କିମ, ଓଡ଼ିଶା ସମେତ ୨୦ଟି ରାଜ୍ୟରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେବେ। ଗୋଟିଏ ମଞ୍ଚରେ ବିଭିନ୍ନ ରାଜ୍ୟର କଳାକାରମାନେ ସେମାନଙ୍କ ରାଜ୍ୟର ଲୋକଗୀତ ଓ ନୃତ୍ୟ ପ୍ରଦର୍ଶନ କରିବେ, ଯାହାକି ଅନ୍ୟମାନଙ୍କ ପାଇଁ ବେଶ୍ ଆକର୍ଷଣୀୟ ହେବ। ଏହାଦ୍ୱାରା କଳା, ସଂସ୍କୃତିର ଆଦାନ ପ୍ରଦାନ ମଧ୍ୟ ହୋଇପାରିବ ବୋଲି ଶୁକ୍ରବାର ଅଠରନଳାସ୍ଥିତ ସିନି କନ୍‌ଭେନସନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା




ଦେଇଛନ୍ତି। ଏହି ଅବସରରେ ଚଳିତବର୍ଷ ଓଡ଼ିଶାର ବରିଷ୍ଠ ରାଜନେତା ତଥା

## ବିଶ୍ୱଭୂଷଣ ହରିଚନ୍ଦନ ପାଇବେ 'ଶ୍ରୀକ୍ଷେତ୍ର ସମ୍ମାନ'

ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଶ୍ରୀକ୍ଷେତ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ସେହିପରି ୧୫ତମ ଜାତୀୟସ୍ତରୀୟ କୃଷି ମେଳାରେ ଓୟୁଏଟି, ନିଫାଟ (କୋଚି), ସିଏମ୍‌ଏଫ୍‌ଆର୍‌ଆଇ, ଜାତିୟ ମତ୍ସ୍ୟ ଉନ୍ନୟନ ବୋର୍ଡ, ଭାରତୀୟ ପାଣିପାଗ ବିଭାଗ, ଜାତୀୟ ଧାନ ଗବେଷଣା କେନ୍ଦ୍ର, ଭାରତୀୟ ମତ୍ସ୍ୟ ସର୍ବେକ୍ଷଣ ସଂସ୍ଥା, କେନ୍ଦ୍ରୀୟ ମହିଳା କୃଷି ଅନୁଷ୍ଠାନ, ଓନେଜ, ନାବାର୍ଡ, ମୃତ୍ତିକା ସଂରକ୍ଷଣ ବିଭାଗ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ପୁରୀ ପ୍ରମୁଖ ଯୋଗଦେବେ। ଲୋକମେଳା ପ୍ରଦର୍ଶନୀରେ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ, ଜିଲ୍ଲା ଶିଳ୍ପକେନ୍ଦ୍ର, ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଜାତୀୟ ଝୋଟ ବୋର୍ଡ ଯୋଗଦେବେ। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ ଅଧ୍ୟକ୍ଷତା କରିଥିବା ବେଳେ ମହୋତ୍ସବ ଆୟୋଜନ କମିଟି ଅଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ, ମହୋତ୍ସବ କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା, ଉପାଧ୍ୟକ୍ଷ ଭରତ ନାୟକ, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ସାଂସ୍କୃତିକ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଯୁଗ୍ମ ସମ୍ପାଦକ ବିଦ୍‌ରୋହ କେଶରୀ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ଅଂଶଗ୍ରହଣ କରିଥିଲେ।

**■ ବୈକୁଣ୍ଠଧାମ ମାମଲା ଶୁଣାଣି ୩ରେ**

# ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୦।୧୨(ସମିସ): ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ସରକାରୀ ଜମିରେ ଗଢ଼ି ଉଠିଥିବା ଆତ୍ମଘୋଷିତ ବାବା କାଶୀନାଥଙ୍କ ବିବାଦୀୟ ବୈକୁଣ୍ଠଧାମ ଆଶ୍ରମ ଉଚ୍ଛେଦ ପାଇଁ ପ୍ରଶାସନର ମସୁଧାକୁ ବିରୋଧ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରି ଆସୁଛନ୍ତି। ଏହି ବିବାଦୀୟ ଜମିରେ ହୋଇଥିବା ଆଶ୍ରମରେ ଯୋଗ ସ୍କୁଲ ଚାଲୁଥିବା ଓ ଏଥିପାଇଁ ଅନୁମତି ପ୍ରଦାନ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଏ ବିଭାଗକୁ ଯେଉଁ ପତ୍ର ଦିଆଯାଇଥିଲା, ତାହାର ସତ୍ୟାସତ୍ୟ ନେଇ ପ୍ରଶ୍ନ ଉଠିଛି। ଆଶ୍ରମ ପକ୍ଷରୁ ଏହି ଚିଠି ବିଗତ ଶୁଣାଣି ବେଳେ ଉପସ୍ଥାପନ ହୋଇଥିଲା। ତେବେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହା ଜାଲ ବୋଲି କୁହାଯାଇଥିଲା। ଯଦି ଏହି ଚିଠି ଜାଲ୍, ତେବେ ଏହାକୁ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆଶ୍ରମ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି.ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ଆଦେଶ ବଳବତ୍ତର ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରି୩ ତାରିଖକୁ ଧାର୍ଯ୍ୟ କରାଯାଇଛି। ପ୍ରକାଶଥାଉକି, ଗତ ନଭେମ୍ବର ୨୧ରେ ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉଚ୍ଛେଦ ଉପରେ ରହିତାଦେଶ ଜାରି କରିଥିଲେ ଅଦାଲତ।

ସକାଳ THE SAKALA



www.sakalaepaper.com

# କଚ୍ଛପ ଗତିରେ ଶ୍ରୀନୀଳମାଧବ ପ୍ରକଳ୍ପ

ଖଣ୍ଡପଡ଼ା, ୨୦।୧୨(ସମିସ)

ରାଜ୍ୟର ପ୍ରମୁଖ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ଶ୍ରୀ ନୀଳମାଧବ ପୀଠ। ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିବା ପରେ ପୂର୍ବ ନବୀନ ସରକାର ମାଧବ ପୀଠର ପାରିପାର୍ଶ୍ୱିକ ବିକାଶ ପାଇଁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ସହିତ ଏଥିପାଇଁ ୧୦୦

## ● ଗୁରୁତ୍ୱ ଦେଉନି ଡବଲ୍ ଇଞ୍ଜିନ ସରକାର

କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ମନ୍ଦିରର ଐତିହ୍ୟ ଓ କୀର୍ତ୍ତିରାଜିର ବିକାଶ ସହିତ ମୁଖ୍ୟ ମନ୍ଦିରର ନବୀକରଣ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସୁବ୍ୟବସ୍ଥା, ବିସ୍ତାର ପରିକ୍ରମା ପ୍ରକଳ୍ପ, ଐତିହାସିକ ଚନ୍ଦନ ପୁଷ୍କରିଣୀର ପୁନରୁଦ୍ଧାର, ଦୟାଣାଚୋରି ବଗିଚାର ସୌନ୍ଦର୍ଯ୍ୟକରଣ, ମନ୍ଦିର ଚତୁର୍ପାଶ୍ୱର୍ ରାସ୍ତାର



ଉନ୍ନତୀକରଣ, ଛାୟାପ୍ରଦ ବୃକ୍ଷରୋପଣ, ଉଦ୍ୟାନ ନିର୍ମାଣ ସହିତ ଯାନବାହନ ପାର୍କିଂ ସ୍ଥାନ ଓ ମନ୍ଦିର ପଶ୍ଚିମ ଦ୍ୱାର ପାଖରେ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମଙ୍କ ପାଇଁ ସ୍କାଏ ବ୍ରିଜ ବା ଲିଫ୍ଟ ନିର୍ମାଣ ଆଦି ଯୋଜନା ସବୁ ହେବାନେଇ ଘୋଷଣା କରାଯାଇଥିଲା। ତତ୍କାଳୀନ '୫-ଟି' ସଚିବ ୨୦୨୨ ଏପ୍ରିଲରେ କଣ୍ଟିଲୋ ଗସ୍ତରେ ଆସି ପ୍ରକଳ୍ପ ସମ୍ପର୍କରେ ସମସ୍ତ ସୂଚନା ଦେବା ପରେ ସମଗ୍ର ଖଣ୍ଡପଡ଼ା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଥିଲା। ଉକ୍ତ ସମସ୍ତ କାର୍ଯ୍ୟ ୧୮ ମାସରେ ସମାପ୍ତ ହେବା ନେଇ ଘୋଷଣା ମଧ ହୋଇଥିଲା। ତେବେ ଇତି ମଧ୍ୟରେ ୩୨ ମାସ ବିତି ଯାଇଥିଲେ ବି ପ୍ରକଳ୍ପ ଶେଷ ହୋଇନାହିଁ। ଚଳିତ ସାଧାରଣ ନିର୍ବାଚନ ପରଠାରୁ ପ୍ରକଳ୍ପ କାର୍ଯ୍ୟ କଚ୍ଛପ ଗତିରେ ଚାଲୁ ରହିବା ସହିତ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ମନମାନି ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ, ଦୟାଣାଚୋରି ବଗିଚା ଓ ଚନ୍ଦନ ପୁଷ୍କରିଣୀ ପୁନରୁଦ୍ଧାର କାର୍ଯ୍ୟ ବର୍ତ୍ତମାନ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଏଥିସହିତ ପଶ୍ଚିମ ଦ୍ୱାର ଲିଫ୍ଟ ମଧ ଶେଷ ହୋଇପାରି ନାହିଁ। ପୂର୍ବ ନିର୍ଦ୍ଧାରିତ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ ନହେବା ଯୋଗୁଁ ସିଂହଦ୍ୱାର ନିକଟରେ ଚଉଡା ରାସ୍ତା ନିର୍ମାଣ ମଧ ହୋଇନଥିବା ଜଣାପଡ଼ିଛି। ଅବଧି ଶେଷ ହୋଇଥିଲେ ମଧ ଠିକା ସଂସ୍ଥାର ଅହେତୁକ ବିଳମ୍ବ ଯୋଗୁଁ ମନ୍ଦିର ବିକାଶ କାର୍ଯ୍ୟ କେବେ ଶେଷ ହେବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିକାଶ ପ୍ରକଳ୍ପ ବିଳମ୍ବ ନେଇ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏ ଦିଗରେ ଆଦୌ ଧ୍ୟାନ ଦେଉନଥିବା ବେଳେ ନୀଳମାଧବ ବିକାଶ ପ୍ରକଳ୍ପ ଶେଷ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ଲୋକେ ପ୍ରକାଶ କରିଛନ୍ତି। ତେବେ ରାଜ୍ୟ ସରକାର ପ୍ରକଳ୍ପକୁ ଗୁରୁତ୍ୱ ଦେଇ ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଦାବି ଜଣାଇଛନ୍ତି।

# ଜିଲ୍ଲାପାଳଙ୍କ ସୋଲପଟା ହାଇସ୍କୁଲ ପରିଦର୍ଶନ



ନୟାଗଡ଼, ୨୦।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସୋଲପଟା ହାଇସ୍କୁଲ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ। ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା ସମ୍ବନ୍ଧରେ ପାଠ ପଢ଼ାଇଛନ୍ତି। ସୂଚନାନୁସାରେ ସୋଲପଟା ହାଇସ୍କୁଲକୁ କମ୍ପ୍ୟୁଟର ଶିକ୍ଷା ନିମନ୍ତେ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି। ଆଜି ୧୫ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। କମ୍ପ୍ୟୁଟର ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନେ କିପରି ପାରଙ୍ଗମ ହୋଇପାରିବେ ଓ ରୋଜଗାରକ୍ଷମ ହୋଇପାରିବେ ସେଥି ନିମନ୍ତେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା ସମ୍ବନ୍ଧରେ ଉତ୍ତମ ଶିକ୍ଷା ପ୍ରଦାନ ନିମନ୍ତେ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲାପାଳ କମ୍ପ୍ୟୁଟର ଶିକ୍ଷା ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିଥିଲେ। ଏଥି ସହିତ ଲାବୋରୋଟୋରିରେ କଣ କଣ ଶିକ୍ଷା ପ୍ରଦାନ କରାଯାଉଛି ସେ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କଠାରୁ ପଚାରି ବୁଝିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

# ତନ୍ତୁବାୟ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଭାପୁର, ୨୦।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ତନ୍ତୁବାୟ ସରକାରୀ ଉଚ୍ଚ ବିଦ୍ୟାଳୟ ବାଇଗୁଣିଆର ୪୬ତମ ବାର୍ଷିକ କ୍ରୀଡା ଚଳିତ ମାସ ୧୯-୨୦ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ଖେଳ ପଡ଼ିଆଠାରେ ୧୯ ତାରିଖ ଉଦଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରତାପ ରଣା ଓ ବାଇଗୁଣିଆ ଗ୍ରାମ ପଞ୍ଚାୟତ ସମାଜସେବୀ ନାରାୟଣ ମହାରଣା, ପୂର୍ବତନ ଖେଳ ଶିକ୍ଷକ ଏକାଦଶୀ ମହାରଣା, ବାଇଗୁଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ ବେହେରା, କ୍ରୀଡ଼ା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥିରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର, ୮୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ବାଳକ ଓ ବାଳିକା ଭାଗ ନେଇଥିଲେ। ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସକସ ଥ୍ରୋ, ଆଦି ପ୍ରତିଯୋଗିତା ହୋଇଥିଲା। ସ୍ଲୋ ସାଇକେଲ ରେସ, ଦୌଡ଼ ଡିଆଁ, ମ୍ୟୁଜିକାଲ୍ ଚେୟାର୍, ଦଳଗତ ଭାବରେ ନବମ ଓ ଦଶମ ଶ୍ରେଣୀ ମଧ୍ୟରେ କ୍ରିକେଟ୍ ଓ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଳକ ଓ ବାଳିକା ଖୋ-ଖୋ, କବାଡ଼ି, ଅନୁଷ୍ଠିତ ହୋଇଥିଲା। ଏହାକୁ ପରିଚାଳନା କରିଥିଲେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଓ ଏକାଦଶୀ ମହାରଣା। ଆଶୁତୋଷ ସ୍ୱାଇଁ, ଶିବପ୍ରସାଦ ଦାସ ସହଯୋଗ କରିଥିଲେ। ବାଳିକା ବିଭାଗରେ ଦଶମ ଶ୍ରେଣୀର ଛାତ୍ରୀ ଜିନା ସେଠୀ ବିଜେତା ହୋଇଥିଲେ। ବାଳକ ବିଭାଗରେ ଦଶମ ଶ୍ରେଣୀର ଛାତ୍ର ସୋମନାଥ ବିଶୋଇ ବିଜେତା ହୋଇଥିଲେ।

# ଗାୟତ୍ରୀ ବିଦ୍ୟାମନ୍ଦିର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଓଡ଼ଗାଁ, ୨୦।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀରେ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ରଙ୍ଗଣୀପାଟଣା ଉଦ୍ଧବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରେ ୩ ଦିନ ଧରି ଅନୁଷ୍ଠିତ ଖେଳ ସର୍ବ କନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ୩ଟି ବର୍ଗରେ ୧୮୫ ଜଣ ଛାତ୍ରଛାତ୍ରୀ ୯ ପ୍ରକାରର ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କବିରାଜ ରମେଶ ଚନ୍ଦ୍ର ପାତ୍ର, ଉଦ୍ଧବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ଦାସ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଦୈନନ୍ଦିନ ଜୀବନରେ ଖେଳର ମହତ୍ୱ ବିଷୟରେ ବୁଝାଇଥିଲେ। ବଳିଷ୍ଠ ସହଯୋଗ ପାଇଁ ଗାୟତ୍ରୀ ବିଦ୍ୟାମନ୍ଦିର ତରଫରୁ ଉଦ୍ଧବ ସ୍କୁଲ୍ ଏସଏମସି କମିଟି ସଭାପତି ଭଗବାନ ଦଳବେହେରାଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗାୟତ୍ରୀ ବିଦ୍ୟାମନ୍ଦିର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକକ ଏବଂ ଦଳଗତ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ବେଶ୍ ଆକର୍ଷଣୀୟ ହୋଇଥିଲା।

# ନିର୍ଦ୍ଦିଷ୍ଟ ଭେଣ୍ଡରଠାରୁ କ୍ରୀଡ଼ା ଉପକରଣ କିଣିବାକୁ ଚାପ

ନୟାଗଡ଼, ୨୦।୧୨(ସମିସ): କିଛି ବର୍ଷ ବ୍ୟବଧାନ ପରେ ପୁଣି ଜିଲ୍ଲା ଶିକ୍ଷା ବିଭାଗରେ କ୍ରୀଡ଼ା ଉପକରଣ କେଳେଙ୍କାରୀ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଲଗାତର ଭାବେ ଚାଲିଥିବା ଏହି କେଳେଙ୍କାରୀକୁ ନେଇ ବିଗତ ଦିନରେ ତୁମ୍ବି ତୋଫାନ ହୋଇ ପ୍ରଧାନଶିକ୍ଷକଙ୍କ ଉପରେ ଚାପ ପ୍ରୟୋଗ କରାଯିବା ବନ୍ଦ ରହିଥିବା ବେଳେ ପୁଣି ଏହି ଘଟଣା ସାମ୍ନାକୁ ଆସିଛି। ରାଜ୍ୟ ସରକାର ୨୦୨୪ ମେ ୨୦ ତାରିଖରେ ବିଭିନ୍ନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କ୍ରୀଡ଼ା ଉପରଣ କ୍ରୟ କରି ୟୁସି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୟାଗଡ଼ ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ ନଭେମ୍ବର ୩୦ ତାରିଖରେ କ୍ରୀଡ଼ା ଉପକରଣ କ୍ରୟ କରି ୟୁସି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୧୫ ଡିସେମ୍ବର ପୂର୍ବରୁ ଏହି କାର୍ଯ୍ୟ ଶେଷ କରିବାକୁ କୁହାଯାଇଥିଲା। କିନ୍ତୁ ଚିଠି କରାଯିବା ପରେ ହ୍ୱାଟସ୍‌ଆପ ଗ୍ରୁପ ଜରିଆରେ କ୍ରୀଡ଼ା ଉପକରଣ ଏବେ କ୍ରୟ ନ କରିବା ପାଇଁ କୁହାଗଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଉପକରଣ କ୍ରୟ ପାଇଁ ୨୫ ହଜାର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୧୦ ହଜାର ଏବଂ ପ୍ରାଥମିକ ବିଦ୍ୟାଳୟକୁ ୫ ହଜାର ଟଙ୍କା କ୍ରୀଡ଼ା ଉପକରଣ କ୍ରୟ ପାଇଁ ପ୍ରଦାନ କରାଯାଇଛି। ନିୟମ ଅନୁସାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉକ୍ତ ଅର୍ଥରେ କ୍ରୀଡ଼ା ଉପକରଣ କ୍ରୟ କରି ବିଦ୍ୟାଳୟ କମିଟି ଦ୍ୱାରା ତାହାର ମାନ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ରହିଛି। ପ୍ରଧାନଶିକ୍ଷକ ଯେ କୌଣସି କ୍ରୀଡ଼ା ଉପକରଣ ଦୋକାନରୁ ଏହା କ୍ରୟ କରିପାରିବେ ବୋଲି ଜଣାପଡ଼ିଛି। ଏଥିପାଇଁ ଟେଣ୍ଡର କିମ୍ବା ଭେଣ୍ଡର ବ୍ୟବସ୍ଥା ଆଦୌ ନଥିବା ବେଳେ ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବ୍ୟକ୍ତିଗତ ହ୍ୱାଟସଆପ୍ ଜରିଆରେ ନିର୍ଦ୍ଦିଷ୍ଟ ଭେଣ୍ଡରଠାରୁ କ୍ରୀଡ଼ା ଉପକରଣ କ୍ରୟ କରିବା ପାଇଁ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି। ଭେଣ୍ଡରଠାରୁ କିଣିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଥିବା ମେସେଜରେ ଶିକ୍ଷା ଅଧିକାରୀ ଉଲ୍ଲେଖ କରିଥିବା ଦେଖାଯାଇଛି। ନୟାଗଡ଼ ସହରରେ ରହିଥିବା ଏକ କ୍ରୀଡ଼ା ଦୋକାନ ଏବଂ ଜନୈକ ଭେଣ୍ଡର ଅସାଧୁ ମେଣ୍ଟର ମୋଟା ଅଙ୍କର କାରବାର ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରେ, ଜିଲ୍ଲାସ୍ତରରେ ମାନ ନିରୂପଣ କରାଯାଇ ବିଦ୍ୟାଳୟକୁ ଗୋଟିଏ ସ୍ଥାନରୁ କ୍ରୀଡ଼ା ଉପକରଣ ଯୋଗାଇ ଦେବାକୁ ଜିଲ୍ଲାପାଳ କହିଥିବା କହିଛନ୍ତି। ବିଦ୍ୟାଳୟଗୁଡ଼ିକରେ ପ୍ରଧାନଶିକ୍ଷକମାନେ ସଠିକ ମାନର ଜିନିଷ କ୍ରୟ କରିପାରିବେ ନାହିଁ। ଏଣୁ ଏଭଳି କୁହାଯାଇଥିବା ସେ କହିଛନ୍ତି। ମାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଜିଲ୍ଲାପାଳଙ୍କ ନାଁରେ ଜିଲ୍ଲା ଶିକ୍ଷା ଅଧିକାରୀ ମିଛ କହୁଥିବା ଜଣାପଡ଼ିଛି। ଜିଲ୍ଲା ଶିକ୍ଷା ଅଧିକାରୀ କ୍ରୀଡ଼ା ଉପକରଣ କିଣିବା ନାଁରେ କମିଶନ ପାଇବାକୁ ଯୋଜନା କରିଥିବା ଅଭିଯୋଗ ହେଉଛି।

# ଅଦିନିଆ ବର୍ଷାରେ ଭିଜିଲା ଧାନ ଫସଲ



ନୟାଗଡ଼, ୨୦।୧୨(ସମିସ): ନୟାଗଡ଼ ଜିଲ୍ଲାରେ ଅଦିନିଆ ବର୍ଷା ଦାଉ ସାଧିଛି। ବର୍ଷା କାରଣରୁ ବିଲରେ କଟା ହୋଇପଡ଼ିଥିବା ଧାନ ଓଦା ହୋଇ ନଷ୍ଟ ହେବାକୁ ବସିଛି। ବିଲରେ ଧାନ କାଟି ଗଦା କରିଥିବା ଚାଷୀ ବି ଦୁର୍ଦ୍ଦଶା ଭୋଗିଛି। ନୟାଗଡ଼ ଜିଲ୍ଲାରେ ୭୦ ପ୍ରତିଶତ ଜମିରୁ ଧାନ ଅମଳ ସରିଥିବା ବେଳେ ୩୦ ପ୍ରତିଶତ ଜମିରେ ଧାନ ଅମଳ ପ୍ରକିୟା ବାକି ରହିଛି। ଏଭଳି ସ୍ଥିତିରେ ଲଘୁଚାପଜନିତ ବର୍ଷା ସବୁକିଛି ବିଗାଡ଼ି ଦେଇଛି। ଲଗାଣ ବର୍ଷା କାରଣରୁ ଅମଳ ଧାନ ଓଦା ହୋଇଥିବା ବେଳେ ଅମଳ ହେବାକୁ ଥିବା ପାଚିଲା ଧାନ ସମ୍ପୂର୍ଣ୍ଣ ଖରାପ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି। ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ତରବରିଆ ଭାବେ ଚାଷୀ ବେଙ୍ଗଲା କାମରେ ବ୍ୟସ୍ତ ରହିଥିବା ଦେଖାଯାଇଛି। ଶୀତ ଦିନରେ ବର୍ଷା କାରଣରୁ କୋହଲା ପାଗ ମଧ ସୃଷ୍ଟି ହୋଇଛି। ବର୍ଷା ଛାଡ଼ିବା ପରେ ଶୀତ ବଢ଼ିବାର ଆଶଙ୍କା ଦେଖାଦେଇଛି।

**ଓଡ଼ଗାଁ:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଅଞ୍ଚଳରେ ସ୍ୱଳ୍ପ ବର୍ଷା କାରଣରୁ ବହୁ ବିଳମ୍ବରେ ଧାନ ଫସଲକୁ ଚାଷୀ ଉଠିଆ କରିଥିବା ବେଳେ ଲଘୁଚାପ ବର୍ଷାଯୋଗୁଁ ଏବେ ଜମିରେ କଟାହୋଇ ପଡ଼ିଥିବା କଟାଧାନ ପାଣିରେ ଭିଜୁଛି। ଶୁକ୍ରବାର ଅଦିନିଆ ବର୍ଷା ସାରାଦିନ ଲାଗିରହିଥିବା ବେଳେ ବର୍ଷା ଛାଡିବା ପରେ କଟା ଧାନ ଶୁଖିବା ପୂର୍ବରୁ କେତେରେ ଉଇ ଲାଗିଯାଇଥିବା ବେଳେ ବଳକା ପାଣିଲାଗି ନଷ୍ଟ ହୋଇଯିବ। କଟା ଧାନ କିପରି ଅମଳହେବ ଏନେଇ ଚାଷୀ ଏବେ ଚିନ୍ତାରେ। ଅନ୍ୟପକ୍ଷରେ ଧାନ ମଣ୍ଡି ଖୋଲି ନଥିବାରୁ ଅମଳ କରିଥିବା ଧାନ ରଖିବାକୁ ଜାଗା ଅଭାବରୁ ଚାଷୀ ଶାଗମାଛ ଦରରେ ଧାନ ବିକ୍ରି କରୁଛି। ଏପଟେ ବର୍ଷାଭିଜା ଧାନକୁ ସ୍ୱଳ୍ପ ମୂଲ୍ୟରେ କଣିବା ପାଇଁ ଚାଷୀଙ୍କ ପଛରେ ଦଲାଲ ମାନେ ଲାଗିଗଲେଣି। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଶୁଖିଲା କାଦୁଅରେ ତଳିରୋଇ କମଣିକରି ଧାନ ଫସଲକୁ ଆଗେଇ ନେଇଥିବା ଚାଷୀଙ୍କ ଲଘୁଚାପ ବର୍ଷା ମେରୁଦଣ୍ଡ ଭାଙ୍ଗିଦେଇଛି। ତେବେ ଏହାର ପ୍ରତିକାର ପାଇଁ ପ୍ରଶାସନ ତରଫରୁ କୌଣସି ଉଦ୍ୟମ ହୋଇନଥିବା ବେଳେ ଭଗବାନଙ୍କ ଭରସାରେ ଚାଷୀ ଯେପରି ଉପରକୁ ହାତ ଟେକି ଦେଇଛି।



## ■ ନର୍ଲା ତହସିଲଦାରଙ୍କ ଭଉଣୀକୁ ହତ୍ୟା ଘଟଣା

# ହତ୍ୟାକାଣ୍ଡ ପଛରେ ସୁଧ କାରବାର

ନୟାଗଡ଼, ୨୦।୧୨(ସମିସ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା କୁଜାମେଣ୍ଡି ପଞ୍ଚାୟତ ଗଙ୍ଗାଡିହ ଗାଁ ପାର୍ଶ୍ୱ ଜଙ୍ଗଲୀ ରାସ୍ତାରେ ହତ୍ୟା ହୋଇଥିବା ମହିଳା କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ତଟାଗୁଡ଼ା ଗାଁର ଅବସରପ୍ରାପ୍ତ ସ୍ୱର୍ଗତ ଶିକ୍ଷକ ଅଭିମନ୍ୟୁ ବେହେରାଙ୍କ ଅବିବାହିତ ଝିଅ ସୁକାନ୍ତି ବେହେରା। ସେ ନର୍ଲା ତହସିଲଦାର ବଳଦେବ ବେହେରାଙ୍କ ଭଉଣୀ। ତାଙ୍କୁ ଗଳାକାଟି ହତ୍ୟା କରାଯାଇଥିବା ବେଳେ ପେଟ ଓ ବିଭିନ୍ନ ସ୍ଥାନରେ ଛୁରାଘାତ ହୋଇଥିଲା। ସୁକାନ୍ତି ସୁଧ ବ୍ୟବସାୟ କରୁଥିବା ଏବଂ ଆର୍ଥିକ ସ୍ୱଚ୍ଛଳ ରହିଥିବା ତାଙ୍କ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଗତ ବୁଧବାର ମଧ୍ୟାହ୍ନରେ ସେ ଚକାପାଦ ହାଟକୁ ଆସିଥିଲେ। ବାଟରେ ଆସିବା ପରେ ଭଞ୍ଜନଗରରେ ରହୁଥିବା ଶିକ୍ଷୟିତ୍ରୀ ଭଉଣୀଙ୍କୁ ଫୋନ କରିଥିଲେ। କିଛି ସମୟ ପରେ ଭଉଣୀ ତାଙ୍କୁ ଯୋଗାଯୋଗ କରିବାରେ ସୁକାନ୍ତିଙ୍କ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ଗୁରୁବାର ସକାଳୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତଟାଗୁଡ଼ା ଗାଁରୁ ହତ୍ୟାକାଣ୍ଡସ୍ଥଳ ୧୦ରୁ ୧୨ କିଲୋମିଟର ଦୂର। କନ୍ଧମାଳ ଜିଲ୍ଲା ଚକାପାଦ ଏବଂ ନୟାଗଡ଼ ଜିଲ୍ଲା ବାଣିଗୋଛା ଅଞ୍ଚଳ ସୀମାନ୍ତ ଏବଂ ଉପାନ୍ତ ଅଞ୍ଚଳ ହୋଇଥିବାରୁ ହତ୍ୟାକାଣ୍ଡ ନେଇ ଅନେକ ସନ୍ଦେହ ସୃଷ୍ଟି ହୋଇଛି। ହତ୍ୟାକାରୀ ଅତ୍ୟନ୍ତ ଚତୁରତାର ସହିତ ଏହି କାଣ୍ଡ ଘଟାଇଛି। ଥାନା ଏବଂ ଜିଲ୍ଲାର ଭୌଗୋଳିକ ସୀମା ଡେଇଁ ହତ୍ୟାକାଣ୍ଡ କରାଯିବା ଦ୍ୱାରା ପୁଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ପୁଲିସ ବିଭିନ୍ନ ଦିଗକୁ ନଜରରେ ରଖି ଛାନଭିନ୍ ଚଳାଇଥିବା ବେଳେ ସୁଧ କାରବାରରୁ ହତ୍ୟାକାଣ୍ଡ ଘଟିଥିବାର ଆଭାସ ପାଇଛି ପୁଲିସ। ଏହି ଘଟଣାରେ ଜଣେ ମହିଳା ଓ ଜଣେ ଅଟୋ ଚାଳକ ପ୍ରଥମେ ସନ୍ଦେହ ଘେରକୁ ଆସିଥିବା ସୂଚନା ମିଳିଛି। ପୁଲିସ ସେମାନଙ୍କୁ ଥାନାକୁ ଡକାଇ ପଚରାଉଚରା କରୁଛି। ଏହି ହତ୍ୟାକାଣ୍ଡରେ ଅନ୍ୟ କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ଯାହାର ଖୋଳତାଡ଼ ଚାଲିଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ହତ୍ୟାକାଣ୍ଡର ରହସ୍ୟ ଖୋଲିବ ବୋଲି ସୂଚନା ମିଳିଛି।

# ଡିସେମ୍ବର ୨୩ରେ ଜିଲ୍ଲାପାଳଙ୍କ ଜନଶୁଣାଣି

ଖଣ୍ଡପଡ଼ା, ୨୦।୧୨(ସମିସ): ଖଣ୍ଡପଡ଼ା ପଞ୍ଚାୟତ ସମିତି ସଭାଗୃହରେ ଆସନ୍ତା ୨୩ ଡିସେମ୍ବର ସୋମବାର ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଏହି ଶିବିରରେ ନୟାଗଡ଼ ଜିଲ୍ଲାପାଳ, ନୟାଗଡ଼ ଏସ୍‌ପି ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ସମାଧାନ କରିବେ ବୋଲି ସୂଚନା ମିଳିଛି। ଏତତ ବ୍ୟତୀତ ଖଣ୍ଡପଡ଼ା ବ୍ଲକ ପ୍ରଶାସନିକ ଅଧିକାରୀ, ତହସିଲ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଆଦି ଅଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବେ ବୋଲି ସୂଚନା ରହିଛି।

# ସାଇବର୍ ଅପରାଧ ଓ ପ୍ରତିକାର ସଚେତନତା

**ଟାଙ୍ଗୀ, ୨୦।୧୨(ସମିସ):** ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଚାନ୍ଦପୁର ଶାଖା ଓ ଟାଙ୍ଗୀ ପୁଲିସ ବିଭାଗ ମିଳିତ ଆନୁକୂଲ୍ୟରେ ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ 'ସାଇବର ଅପରାଧ ଓ ପ୍ରତିକାର' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ବିଶେଷଜ୍ଞ କେ ଦିନେଶ ଡିଜିଟାଲ କ୍ରାଇମ୍‌ରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ। ଫାଇନାନ୍ସ, ଲିଟେରାସୀ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ସାଇବର ଅପରାଧକୁ ବନ୍ଦ କରିବା ନିମନ୍ତେ ସମସ୍ତ ଗ୍ରାହକ ସଚେତନ ରହିବାକୁ କହିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାନ୍ଦପୁର ଷ୍ଟେଟ ବ୍ୟାଙ୍କ କିଓସ୍କ ପରିଚାଳିକା ଭାରତୀ ପାତ୍ର, ପ୍ରଧାନ ଶିକ୍ଷକ ସୁରେଶ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ବିଜୟ ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସହ ସମ୍ପାଦକ ରବୀନ୍ଦ୍ର ନାୟକ। ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଚନ୍ଦ୍ର ଶେଖର ଦାଶ ବେଦ ପାଠ କରିଥିଲେ। ସୁରେନ୍ଦ୍ର କୁମାର ରାଉତ, ସହ ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, କବି କାହ୍ନୁଚରଣ ମିଶ୍ର, ପ୍ରଫୁଲ୍ଲ କୁମାର ଜେନା, ଲିଙ୍ଗରାଜ ସାହୁ, ବାସୁଦେବ ସିଂ, ମଞ୍ଜୁଲତା ଇନ୍ଦ୍ରଜିତ୍, ସୁରେନ୍ଦ୍ର ନାରାୟଣ ସାହୁ, ରଞ୍ଜନ ପଲାଇ, ପଙ୍କଜ ଖମାରୀ, ନିମାଇଁ ଚରଣ ସାହୁ, କୋଷାଧ୍ୟକ୍ଷ ଉମେଶ ପ୍ରସାଦ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା




ନୟାଗଡ଼, ୨୦।୧୨(ସମିସ): ନୟାଗଡ଼ ଜିଲ୍ଲା ପରିଷଦ ସୃଜନ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଆଇନ ସେବା ପ୍ରାଧିକରଣ ମିଳିତ ସହଯୋଗରେ ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କିତ ଏକଦିବସୀୟ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶିବିୟନ ପ୍ରଧାନ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ମୁଖ୍ୟ ଅତିଥି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ଯୋଗଦେଇ ମହିଳା ଓ ଶିଶୁ ସୁରକ୍ଷା ବିଷୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଦାୟିତ୍ୱ ବିଷୟରେ ମତ ରଖିଥିଲେ। ଅନ୍ୟତମ ଅତିଥି ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହାରଣା, ପରିମଳ ତରଫରୁ ଅମନ ମିଶ୍ର, ସୋହମର ପ୍ରତିଷ୍ଠାତା କାମାକ୍ଷା ପ୍ରସାଦ ଦାସ ବକ୍ତା ଭାବରେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅଧିକାରୀ ମହମଦ ଅର୍ସଦ ଅଂସାରୀ ଜିଲ୍ଲାରେ ଶିଶୁ ସୁରକ୍ଷା ନିମନ୍ତେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ଅନୁଷ୍ଠାନ ଯଥା ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଶିଶୁ ସୁରକ୍ଷା ବିଭାଗ, ଚାଇଲ୍ଡ ହେଲ୍ପ ଲାଇନ, ସ୍ୱତନ୍ତ ପୁଲିସ ୟୁନିଟ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଭାବେ ସମସ୍ତଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ତାଲିମଦାତା ଭାବରେ କଟକରୁ ସଂଯୋଗ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟା ସିଂ ଯୋଗ ଦେଇଥିଲେ।

## ଅସୁରକ୍ଷିତ ଜାତୀୟ ପକ୍ଷୀ 'ମୟୂର'

# ତନ୍ତ୍ର ପୂଜା ପାଇଁ ଅଣ୍ଡା ଚୋରି

ନୟାଗଡ଼, ୨୦।୧୨(ସମିସ)

ଜାତୀୟ ପକ୍ଷୀ ମୟୂର ଅସୁରକ୍ଷିତ। କେତେବେଳେ ଜାତୀୟ ରାଜପଥ ଉପରେ ଜାତୀୟ ପକ୍ଷୀର ଜୀବନ ଯାଉଛି, ତ ପୁଣି କେବେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ସେମାନଙ୍କର ବିନାଶ କରୁଛି। ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବାଣିଗୋଛା ପଶ୍ଚିମ ବନାଞ୍ଚଳରେ ରହିଛି ସାତପୁରୀ ପାହାଡ଼। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ଏହି ପାହାଡ଼ ଉପରେ ରହିଛି ଗମ୍ଭାରିଗଣ୍ଡା ଗାଁ। ପାହାଡ଼ରେ ଶତାଧିକ ଜାତୀୟ ପକ୍ଷୀ ତଥା ମୟୂରଙ୍କ ଚଳପ୍ରଚଳ ସବୁବେଳେ ଲାଗି ରହୁଛି। ଅନେକ ସମୟରେ ମୟୂର ପଲ୍ଲ ରାସ୍ତା କଡ଼ରେ ଥିବା ଜମିକୁ ଚାଲି ଆସିଥାନ୍ତି। ଜାତୀୟ ରାଜପଥ ଉପରେ ଠିଆ ହେଲେ ନିଶ୍ଚିତ ମୟୂର ସ୍ୱର ଶୁଣିବାକୁ ମିଳେ। କେହି କେହି ଏହି ପାହାଡ଼ରେ ହଜାରେରୁ ଅଧିକ ମୟୂର ରହିଥିବା କହିଛନ୍ତି। ନିକଟସ୍ଥ ଜମିରେ ଧାନ ଅମଳ ସମୟରେ ଶତାଧିକ ମୟୂର ଆସି ଧାନ ଖାଇ



ଦେଇଥାନ୍ତି। ବୁଗୁଡ଼ାର ଚାଷୀ ପ୍ରଫୁଲ ନାୟକଙ୍କ ଗତବର୍ଷ ଚାଷ ଜମିରୁ ଆଦୌ ଧାନ ଅମଳ କରିନାହାନ୍ତି। ସବୁଧାନ ମୟୂର ଖାଇ ଦେଇଥିବା କହିଛନ୍ତି।

ଦେଶର ଜାତୀୟ ପକ୍ଷୀଙ୍କ ସୁରକ୍ଷା ପାଇଁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଆଜି ପର୍ଯ୍ୟନ୍ତ କୌଣସି ସୁରକ୍ଷା ବ୍ୟବସ୍ଥା କଥା ଚିନ୍ତା କରି ନାହିଁ। ଅନେକ ମୟୂର ଶିକାରୀଙ୍କ ଦ୍ୱାରା ମୃତ୍ୟୁବରଣ କରୁଥିବା ବେଳେ କିଛି ମୟୂର ଜାତୀୟ ରାଜପଥ ଉପରେ ଗାଡ଼ି ମାଡ଼ରେ ମୃତ୍ୟୁବରଣ କରୁଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ଏହି ଅଞ୍ଚଳରେ ଥିବା ମୟୂରଙ୍କ ଅଣ୍ଡା ସବୁବେଳେ ବିପଦଗ୍ରସ୍ତ ହେଉଛି। ତନ୍ତ୍ର ସାଧନା ପାଇଁ ମୟୂର ଅଣ୍ଡାର ଆବଶ୍ୟକତା ଥିବାରୁ ଅନେକ ଅଣ୍ଡାକୁ ବାହାରକୁ ଚାଲାଣ କରାଯାଉଛି। ଅଣ୍ଡାଗୁଡ଼ିକ ସୁରକ୍ଷିତ ରହିଲେ, ମୟୂର ସଂଖ୍ୟା ନିହାତି ଭାବେ ବୃଦ୍ଧି ପାଇ ପାରନ୍ତା। ଏହା ବ୍ୟତିତ ସ୍ୱତନ୍ତ୍ର ଭାବେ ଜାତୀୟ ରାଜପଥ ପାର୍ଶ୍ୱରେ ତାର ଜାଲି ଦ୍ୱାରା ସୁରକ୍ଷା ପାଚେରି ନିର୍ମାଣ କରାଯାଇ, ସେମାନଙ୍କ ଜୀବନ କାଳକୁ ନିଶ୍ଚିତ କରାଯାଇପାରନ୍ତା। ବ୍ୟାଘ୍ର ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏଠାରେ ଜାତୀୟ ପକ୍ଷୀର ସୁରକ୍ଷାକୁ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହେଉଛି। ଏନେଇ ବନ୍ୟପ୍ରାଣୀ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଦାବି ହେଉଛି।

